# ଜାତୀୟସ୍ତରୀୟ ଲୋକ ଅଦାଲତ: ୮୪୬ ମାମଲା ଫଇସଲା

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ, ମୋଟୁ ତାଲୁକ୍ ଆଇନ ସେବା ପ୍ରାଧିକରଣ, ମାଥିଲି ଜେଏମ୍ଏଫ୍‌ସି ଓ କୁଡୁମୁଲୁଗୁମ୍ମା ଜେଏମ୍ଏଫ୍‌ସି ଗ୍ରାମ ନ୍ୟାୟାଳୟ କୋରୁକୋଣ୍ଡା ଏବଂ ମାଲକାନଗିରି ଦ୍ୱାରା ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲା ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଜଜ୍ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ କୁମାର ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାଧିକାରୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକରୀ ପଦ୍ମନାଭ ମାଝି, ,ମୋଟୁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରବୀଣ କୁମାର ହୋତା, କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ବିମଳଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମାମଲାର ଫଇସଲା କରିଥିଲେ। ଏଥିରେ ୮୪୬ ମକଦ୍ଦମାର ବିଚାରକରାଯାଇ ୬୫,୫୮,୧୭୮ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏଥିରେ ମାଲକାନଗିରି ଓ ମୋଟୁର ଓକିଲମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି ।

**ସଂକ୍ଷେପରେ**

## ଅଟୋ ଓଲଟି ଜଣେ ମୃତ, ୪ ଆହତ

ଚିତ୍ରକୋଣ୍ଡା, ୧୪।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗେଡ଼ା ପଞ୍ଚାୟତ ଶିଖପାନଛାରେ ଶନିବାର ଏକ ଅଟୋ ଓଲଟି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣକ କାଞ୍ଚରପେଟା ଗ୍ରାମର ଲକ୍ଷ୍ମୀ କୁଙ୍ଗୀ(୪୦)। ଆହତ ୪ଜଣଙ୍କ ମଧ୍ୟରୁ ୨ ଗୁରୁତର ହୋଇଥିବାରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆନ୍ଧ୍ରପ୍ରଦେଶ କାଞ୍ଚରପେଟ ଗ୍ରାମରୁ ଏକ ଅଟୋ ଚିତ୍ରକୋଣ୍ଡା ଆସୁଥିବା ବେଳେ ଶିଖପାନଛା ଗ୍ରାମରୁ ଆଉ କେତେଜଣ ଲୋକ ଅଟୋରେ ଚଢିଥିଲେ । ତେବେ ଅଟୋରେ ପ୍ରାୟ ୧୦ ଯାତ୍ରୀ ଥିବା ବେଳେ ଶିଖପାନଛା ଗ୍ରାମଠାରୁ କିଛି ଦୂର ଆସିବାପରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକ ସମସ୍ତଙ୍କୁ ଯାନବାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେଠାରୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଅଧା ବାଟରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଚିତ୍ରକୋଣ୍ଡା ଡାକ୍ତର ସୂଚନା ଦେଇଛନ୍ତି ।

## ଗୁଣ୍ଡୁରିଗୁଡ଼ା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ଖଇରପୁଟ ବ୍ଲକ୍ କୁଡୁମୁଲୁଗୁମ୍ମା ପଞ୍ଚାୟତ ଗୁଣ୍ଡୁରିଗୁଡ଼ା ଆଦର୍ଶ ବିଦ୍ୟାଳୟ ନବମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲା ବେଳେ ବିଡିଓ ଉମାଶଙ୍କର କୋୟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୁଡୁମୁଲୁଗୁମ୍ମା ତହସିଲଦାର ଟିଙ୍କୁନୁ ପୁଙ୍ଗା ମୁଖ୍ୟ ଅତିଥି ଓ ସରପଞ୍ଚ ମଙ୍ଗଳା ମାଡ଼ୀ ଓ ବରିଷ୍ଠ ଅଧ୍ୟାପକ ପପୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆରମ୍ଭରେ ଜଗନ୍ନାଥଙ୍କ ତୈଳଚିତ୍ରରେ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ର ଆଦର୍ଶ ବିଦ୍ୟାଳୟ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ସାହୁ ବାର୍ଷିକ ବିବରଣୀ ପାଠ ଓ ବିଦ୍ୟାୟଳୟରେ ଥିବା ବିଭିନ୍ନ ସମସ୍ୟା ଉପସ୍ଥାପନା ସହ ଏହାର ସମାଧାନ ଲାଗି ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ପୁଙ୍ଗା ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବା ସହ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଆହ୍ୱାନ ଦେଇଥିଲେ। ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ୍ ଅଧ୍ୟକ୍ଷ ବିମ୍ବ କିର୍ଷାନୀ ଓ ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ପାଳିତ

ପଟ୍ଟାଙ୍ଗି, ୧୪।୯(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ମାଳିପୁଟ ରାଜୀବ ଗାନ୍ଧୀ ହାଇସ୍କୁଲରେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସାମାଜିକକର୍ମୀ ସ୍ୱର୍ଗତ ନୃସିଂହନାଥ ବେହେରା ୧୯୯୮ରେ ମାଳିପୁଟରେ ସ୍କୁଲ ସ୍ଥାପନ କରି ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଶ୍ରାଦ୍ଧବାର୍ଷିକ ଅବସରରେ ମାଳିପୁଟ ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନାୟକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଦ୍ୟାଳୟ ପରିସରରେ



ସ୍ଥାପିତ ପ୍ରତିଷ୍ଠାତା ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ,ତାଙ୍କ ଧର୍ମପତ୍ନୀ ନିବେଦିତା ବେହେରା,ନିର୍ଲିପ୍ତା ଦିବ୍ୟଶ୍ରୀ ବେହେରା,ମନୋଜ କୁମାର ବେହେରା,ଜଗନ୍ନାଥ ବେହେରା, ଜସ୍ମିତା ବେହେରା, ଅଙ୍କିତ ଅନୁରାଗ ବେହେରା, ଅହିଂସା ଅନମୋଲ ବେହେରା, ବଳରାମ ବାରିକ, ଗୋବିନ୍ଦ ଖରା, ଶଙ୍କର ପଟ୍ଟନାୟକ,ପୁକାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ପଡାସେଠି ଆପାରାଓଙ୍କ ସମେତ ଅନେକ ଶୁଭେଚ୍ଛୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶେଷରେ ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ରଜନୀ ଖରାଙ୍କୁ ସମ୍ମାନିତ କରାଯାଇଥିଲା।

# ପିଲାଙ୍କ ଅନୁପସ୍ଥିତିକୁ ନେଇ ଅଭିଭାବକଙ୍କ ସହ ଶିକ୍ଷକଙ୍କ ଆଲୋଚନା

ଚିତ୍ରକୋଣ୍ଡା,୧୪।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

**ପଣସପୁଟ ଅନୁସୂଚିତ ଜାତି, ଜନଜାତି ଉଚ୍ଚ ବିଦ୍ୟାଳୟ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ପଣସପୁଟ ଅନୁସୂଚିତ ଜାତି, ଜନଜାତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ରଥ ଛାତ୍ରୀଛାତ୍ରମାନେ ସ୍କୁଲକୁ ନ ଯିବା ଓ ଅନେକ ସମୟରେ ଅନୁପସ୍ଥିତ ରହୁଥିବାରୁ ଏ ନେଇ ଅଭିଭାବକମାନଙ୍କୁ ନେଇ ଏକ ସଭା କରିଥିଲେ। ହାଣ୍ଡିଖାଲ ଗ୍ରାମର ପ୍ରାୟ ୧୦ ଛାତ୍ରୀଛାତ୍ର ନିକଟରେ ଥିବା ପଣସପୁଟ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପଢୁଥିଲେ। କିନ୍ତୁ ଦୀର୍ଘଦିନ ହେବ ସେମାନେ ଅନୁପସ୍ଥିତ ରହୁଥିବାରୁ ଅଭିଭାବକଙ୍କୁ ସଚେତନ କରିବା ସହ ଏହାର କାରଣ ବୁଝିଥିଲେ। ସରକାର ଛାତ୍ରୀଛାତ୍ରଙ୍କ ପାଇଁ ଖାଦ୍ୟ, ପୋଷାକ, ପାଠ୍ୟୋପକରଣ ଓ ଛାତ୍ରାବାସ ଇତ୍ୟାଦି ବ୍ୟବସ୍ଥା କରିଥିଲା ବେଳେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ଅଭିଭାବକମାନେ ଶିକ୍ଷକଙ୍କୁ ପ୍ରଶଂସା କରିବା ସହ ଖୁବ୍ ଶୀଘ୍ର ପିଲାମାନେ ସ୍କୁଲକୁ ଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଶିକ୍ଷକ ନିଟକସ୍ଥ ଗାଁକୁ ଯାଇ ଅଭିଭାବକଙ୍କୁ ବୁଝାଉଛନ୍ତି ।

# ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାରପ୍ରାପ୍ତ ସଂଯୁକ୍ତାଙ୍କୁ ସ୍ୱାଗତ

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ଉତ୍ତମ ସେବା ପାଇଁ ରାଷ୍ଟ୍ରପତିଙ୍କଠାରୁ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାରପ୍ରାପ୍ତ ସଂଯୁକ୍ତା ସେଠୀ ଶନିବାର ମାଲକାନଗିରିରେ ପହଞ୍ଚିବା ପରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସହରବାସୀ ତାଙ୍କୁ ସମ୍ବର୍ଦ୍ଧନା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲା ହସ୍ପିଟାଲର ନର୍ସିଂ ସିଷ୍ଟର ସଂଯୁକ୍ତା ଉତ୍ତମ ସେବା, ବର୍ଜ୍ୟବସ୍ତୁ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ଭବନରେ ଜାତୀୟସ୍ତରରେ ସମ୍ମାନିତ ହେବା ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଗତ ୧୧ ତାରିଖରେ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ଗ୍ରହଣ କରିଥିଲେ। ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ଉତ୍ତମ ସେବା ପାଇଁ ସେଠୀଙ୍କ ନାମ ସୁପାରିସ କରାଯାଇଥିଲା। ରୋଗୀସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେ (ନ୍ୟାଶନାଲ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ଆୱାର୍ଡ -୨୦୨୪) ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସଂଯୁକ୍ତା ହେଉଛନ୍ତି ମାଲକାନଗିରିର ସାମାଜିକ କର୍ମୀ ଉମାକାନ୍ତ ସାହୁଙ୍କ ସ୍ତ୍ରୀ ।



ମାଲକାନଗିରିରେ ପହଞ୍ଚିବା ପରେ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାରପ୍ରାପ୍ତ ସଂଯୁକ୍ତାଙ୍କୁ ସହର ପରିକ୍ରମା କରାଯାଉଛି ।

# ଏନ୍‌ଏସ୍‌ଏସ୍ ପରାମର୍ଶଦାତା କମିଟି ବୈଠକ

ଜୟପୁର,୧୪।୯(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ସଭାଗୃହରେ ଜାତୀୟ ସେବା ଯୋଜନା ବ୍ୟୁରୋର ପ୍ରଥମ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନରେ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରୀତା ପଟେଲଙ୍କ ସମେତ କୁଳସଚିବ ରଞ୍ଜନ ପ୍ରଧାନ,ପିଜି




କାଉନସିଲ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ସଚିନ୍ କୁମାର ନାୟକ,ନବରଙ୍ଗପୁର ଓ କୋରାପୁଟ ଜିଲାର କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ପ୍ରଧାନ, ସୁଶାନ୍ତ କୁମାର ବେହେରା, କୋରାପୁଟ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ପଟ୍ଟନାୟକ, କିଟ୍ ବିଶ୍ୱବିଦ୍ୟାଳୟର ଡ଼ ସ୍ମୃତି ରଞ୍ଜନ ଦାଶ, ସାମାଜିକକର୍ମୀ ରାମନାଥ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ଡ଼ ଅରୁଣ ରାଜ,ମଞ୍ଜୁଲତା କହଁର,ସ୍ୱେଚ୍ଛାସେବୀ ଉର୍ମିଳା ଜାନୀ ଓ ପ୍ରଦ୍ୟୁଶ କୁମାର ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନ ବ୍ୟୁରୋର ବିବରଣୀ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍‌କୁ ସର୍ବବ୍ୟାପୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ଆଞ୍ଚଳିକ ନିର୍ଦ୍ଦେଶିକା ପଟେଲ ପରାମର୍ଶ ଦେଇଥିଲେ। ଓଏସ୍‌ଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଏନ୍‌ଏସ୍‌ଏସ୍‌କୁ ଜାତୀୟସ୍ତରୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ୨୦୨୪-୨୫ ବାର୍ଷିକ ଯୋଜନା ପ୍ରସ୍ତୁତି କରାଯାଇ ଏନ୍‌ଏସ୍‌ଏସ୍ ଅଧିନସ୍ଥ ୪୧ କଲେଜର ୫୩ ୟୁନିଟକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ବାର୍ଷିକ ଆର୍ଥିକ ଅଟକଳ,ନୂତନ ୟୁନିଟ୍ ଖୋଲିବା, କାର୍ଯ୍ୟରତ ୟୁନିଟ୍‌ଗୁଡ଼ିକର ସୁପରିଚାଳନା, ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଡିଜିଟାଲ ସାକ୍ଷରତା, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ପୋଷଣ ଅଭିଯାନ, ସେବାକାର୍ଯ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ପ୍ରସ୍ତୁତ ହୋଇଥିଲା।

# ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର

ଜୟପୁର,୧୪।୯(ପବନ ପାଣିଗ୍ରାହୀ)

ଜୟପୁର ଶ୍ରମ ବିଭାଗ ପକ୍ଷରୁ ନୂତନ ନିର୍ମାଣାଧୀନ ଚିକିତ୍ସାଳୟ କୋଠାରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ,ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କର୍ମଚାରୀମାନେ ଯୋଗଦେଇ ସରକାରଙ୍କ ତରଫରୁ ଶ୍ରମିକଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଯେଉଁମାନେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିନାହାନ୍ତି ସେମାନେ ଯଥାଶୀଘ୍ର ପଞ୍ଜୀକରଣକରି ସରକାରଙ୍କ ତରଫରୁ ମିଳୁଥିବା ସହାୟତା ସବୁ ପାଇବାକୁ ପ୍ରବର୍ତ୍ତାଇଥିଲେ। ଏହି କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ୨୦ ଜଣ ପଞ୍ଜୀକରଣ କରି ନ ଥିବା ନିର୍ମାଣ ଶ୍ରମିକଙ୍କୁ ଯଥାଶୀଘ୍ର ପଞ୍ଜୀକରଣ ପାଇଁ କୁହାଯାଇଥିଲା ।

# ପୋଟେରୁ ବ୍ରିଜ୍ କାମ ନିମ୍ନମାନର ଅଭିଯୋଗ

**ମାଲକାନଗିରି ବିଧାୟକଙ୍କ ବନ୍ୟାଞ୍ଚଳ ଗସ୍ତ**

କାଲିମେଲା, ୧୪।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ବିଧାୟକ ନରସିଂହ ମାଡକାମି ଶନିବାର ପୋଟେରୁ ବନ୍ୟାଞ୍ଚଳ ସହ ପୋଟେରୁ ବ୍ରିଜ କାମ ବୁଲି ଦେଖିଛନ୍ତି। ଜିଲାରେ ବନ୍ୟାରେ ପ୍ରଭାବିତ ହୋଇଥିବା ଘର ଓ ଫସଲ ଆଦିର ଅନୁଧ୍ୟାନ କରିଥିବା ଜଣାପଡିଛି। ବିଧାୟକ ପୋଟେରୁ ସମେତ ଏମ୍‌ପିଭି ୬, ଏମ୍‌ପିଭି ୩୪ ଏବଂ ଭେଜାଙ୍ଗିୱାଡ଼ା ପଞ୍ଚାୟତର କେତେକ ଗ୍ରାମ ପରିଦର୍ଶନ କରିଥିଲେ। ଗତ ବନ୍ୟାରେ ପଟେରୁ ବ୍ରିଜ ଉପରେ ୧୦ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିବା ବେଳେ ବର୍ତ୍ତମାନ ଦୁର୍ବଳ ହେବାକୁ ବସିଲାଣି। ବ୍ରିଜ ଉପର ଦେଇ ଦୈନିକ ଶତାଧିକ ଗାଡ଼ି ଯାତାୟତ କରୁଛି। ବନ୍ୟାରେ ବ୍ରିଜର କେତେକ ଅଂଶ ଖରାପ ହେବାରୁ ଜିଲା ପ୍ରଶାସନ ମରାମତି କରୁଛି। ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ବିଧାୟକ ମାଡକାମି ନିଜେ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଛନ୍ତି। ତେବେ ନିମ୍ନମାନର କାମ ଚାଲୁଥିବା ଦେଖି କାମ କରୁଥିବା ଠିକାଦାରଙ୍କୁ ଭଲ କାମ କରିବା ପାଇଁ ବିଧାୟକ ମାଡକାମି ପରାମର୍ଶ କରିଛନ୍ତି । ବନ୍ୟା ପରିସ୍ଥିତି ସମୀକ୍ଷା କରିଛି କ୍ଷୟକ୍ଷତିର ରିପୋର୍ଟ ଦେବାକୁ ଆରଆଇମାନଙ୍କୁ କୁହାଯାଇଛି। ସେମାନେ ରିପୋର୍ଟ ଦେବା ପରେ ତୁରନ୍ତ କ୍ଷତି ପୂରଣ ଦିଆଯିବ ବୋଲି ବିଧାୟକ ମାଡକାମି କହିଛନ୍ତି । ଗସ୍ତ ସମୟରେ କାଲିମେଲା ବିଦ୍ୟାଳୟ ପ୍ରତିନିଧି ହର ବିଳାସ ମଣ୍ଡଳ, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ଜିଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରମିଳା ଦାସ ଏବଂ ଅନ୍ୟାନ୍ୟ ଭାଜପା କର୍ମୀମାନେ ଥିଲେ ।



ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟମାନେ ନଷ୍ଟ ହୋଇଥିବା ପୋଟେରୁ ପୋଲର କିଛି ଅଂଶ ଦେଖୁଛନ୍ତି ।

# ବିଶ୍ୱ ହିନ୍ଦୀ ଦିବସ ପାଳନ

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ, ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ 'ବିଶ୍ୱ ହିନ୍ଦୀ ଦିବସ' ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଏହା ଆରମ୍ଭ କରାଯାଇଥିଲା। ଉକ୍ତ ସମାରୋହରେ ଖବରଦାତା ଶିବ ପ୍ରସାଦ କୀର୍ତ୍ତନିଆ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ଯୋଗଦେଇ, ଛାତ୍ରୀଛାତ୍ରମାନଙ୍କୁ ବର୍ତ୍ତମାନ ଭାରତ ତଥା ସମଗ୍ର ବିଶ୍ୱରେ, ଭାରତର ରାଜଭାଷା ହିନ୍ଦୀର ମହତ୍ତ୍ୱ ବିଷୟରେ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମମତା ସାଏ ଏବଂ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡା, ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଭାଷା ଭାରତର ଏକତା ଓ ଅଖଣ୍ଡତା ପାଇଁ କାହିଁକି ଅପରିହାର୍ଯ୍ୟ ଏ ବିଷୟରେ ବର୍ଣ୍ଣନା କରିଥିଲେ। କର୍ମକ୍ଷେତ୍ରରେ ହିନ୍ଦୀ ଭାଷାର ଉପଯୋଗିତା ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହିନ୍ଦୀ ଦିବସ ଉପରେ ବକ୍ତୃତା ପ୍ରଦାନ କରାଯାଇଥିଲା। ହିନ୍ଦୀ ଭାଷାରେ କବିତା ପାଠ ସହିତ, ଦେଶାତ୍ମବୋଧକ ସଙ୍ଗୀତ ସହିତ ନୃତ୍ୟ ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ସନ୍ଦୀପ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦୁର୍ଗାମାଧବ ପାଢ଼ୀ, ଅନିମା ମହାନ୍ତି, ଚିରଞ୍ଜୀବ ପଣ୍ଡା, ମମତା ନାୟକ, ମାନସ ସେନାପତି, ନମିତା ଚାଲାଣ, ପ୍ରିୟମ୍ବଦା ବିଶ୍ୱାଳ, ରଞ୍ଜିତ ସେନାପତି, ଶୁଭଶ୍ରୀ ସେନାପତି ଏବଂ ଯସମିତା ଖଣ୍ଡପାଣ ସହଯୋଗ କରିଥିଲେ।




ଜଣେ ପ୍ରତିଯୋଗୀ ବକ୍ତୃତା ଦେଉଛନ୍ତି ।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

କାଳିମେଲା,୧୪।୯(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ନାଲାଗୁଣ୍ଡି ପଞ୍ଚାୟତର ଏମ୍‌ଭି ୭୪ ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ଏମ୍‌ଭି ୭୪ ଗ୍ରାମର ସୌମେନ୍ଦ୍ର ମଣ୍ଡଳଙ୍କ ସ୍ତ୍ରୀ କଳ୍ପନା ମଣ୍ଡଳ (୩୩)। ସୂଚନା ଅନୁଯାୟୀ କଳ୍ପନା ନିଜ ଘର କାନ୍ଥରେ ଲିପାପୋଛା କରୁଥିବା ସମୟରେ ସେଠାରେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ । ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। କଳ୍ପନାଙ୍କ ସ୍ୱାମୀ ସୌମେନ୍ଦ୍ର ଜଣେ କିଡ୍‌ନୀ ରୋଗୀ ହୋଇଥିବା ସୂଚନା ମିଳିଛି। ବିଦ୍ୟୁତ୍ ଆଘାତରେ କଳ୍ପନାଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ଏମ୍‌ଭି ୭୯ ଥାନାରେ ଏ ନେଇ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରା ସୂଚନା ଦେଇଛନ୍ତି।

# ଚିତ୍ରକୋଣ୍ଡାରେ ସୁଭଦ୍ରା ରଥକୁ ଆଦିବାସୀ ମହିଳାଙ୍କ ସ୍ୱାଗତ

ଚିତ୍ରକୋଣ୍ଡା, ୧୪।୯(ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଗଜିଆଗୁଡ଼ାରେ ସୁଭଦ୍ରା ସଚେତନତା ରଥ ପହଞ୍ଚିବା ପରେ ଶତାଧିକ ଆଦିବାସୀ ମହିଳା ହୁଳହୁଳି ଦେଇ ଏହାକୁ ସ୍ୱାଗତ କରିଥିଲେ। ସୁଭଦ୍ରା ଯୋଜନାରେ କିପରି ସହଜରେ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିହେବ ସେ ସମ୍ବନ୍ଧରେ ଡାକବାଜି ଯନ୍ତ୍ର ଏବଂ ଲିଫ୍‌ଲେଟ୍ ମାଧ୍ୟମରେ ମହିଳାମାନଙ୍କୁ ସଚେତନ କରାଯାଇଥିଲା ।



ଚିତ୍ରକୋଣ୍ଡାରେ ସୁଭଦ୍ରା ରଥକୁ ଆଦିବାସୀ ମହିଳାମାନେ ସ୍ୱାଗତ କରୁଛନ୍ତି।

# ବଣ୍ଡା ଜନଜାତି ମହିଳାଙ୍କ ସୁଭଦ୍ରା ରଥକୁ ସ୍ୱାଗତ

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ମହିଳାଙ୍କ ମନରେ ନୂତନ ଆଶା ସଞ୍ଚାର କରିଛି। ମାଲକାନଗିରି ଜିଲା ଜନଜାତି ବର୍ଗ ମହିଳାଙ୍କ ମଧ୍ୟରେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଜିଲାରେ ବାସ କରୁଥିବା ବଣ୍ଡା ଜନଜାତି ମହିଳାମାନେ ଅଧିକ ସଂଖ୍ୟାରେ ଏହି ଯୋଜନା ପାଇଁ ଆବେଦନ କରିବା ସହ ସୁଭଦ୍ରା ରଥକୁ ସ୍ୱାଗତ କରିଛନ୍ତି। ଖଇରପୁଟ ବ୍ଲକ୍‌ର ୫,୫୮୪ ଆବେଦନକାରୀଙ୍କ ମଧ୍ୟରୁ ଅନ୍ଦ୍ରାହାଲ, ମୁଦୁଲିପଡ଼ା, କଦମଗୁଡା, ଖଇରପୁଟ, ପରଖନମାଲା ଓ ରାସବେଡ଼ାର ଅନେକ ବଣ୍ଡା ଜନଜାତି ମହିଳା ଉତ୍ସାହର ସହ ସୁଭଦ୍ରା ଫର୍ମ ପୂରଣ କରିଛନ୍ତି। ସେହିପରି ସୁଭଦ୍ରା ରଥକୁ ଜିଲାର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଛି ।

ଚିତ୍ରକୋଣ୍ଡାରେ ୫,୧୪୨, କାଲିମେଲା ୨୦,୬୮୯, କୋରୁକଣ୍ଡା ୯,୭୫୬, ମାଲକାନଗିରି ୧୧,୬୫୬, ମାଥିଲି ୭,୫୮୫ ଓ ପଡ଼ିଆ ୪୭୪୭ ନାମ ପଞ୍ଜୀକରଣ କରାଯାଇଛି। ସେହିପରି କାଲିମେଲା ଏନ୍‌ଏସିରେ ୪୮୯ ଓ ମାଲକାନଗିରି ପୌର ପରିଷଦରେ ୨୧୬୯ ଅର୍ଥାତ୍ ଜିଲାରେ ସର୍ବମୋଟ ୬୭,୮୪୮ ଜଣ ମହିଳା ପଞ୍ଜୀକରଣ କରିଛନ୍ତି। ଏହି ରଥ ୧୬ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ଅଞ୍ଚଳରେ ବୁଲିବ ।



ବଣ୍ଡା ମହିଳାମାନେ ରଥ ନିକଟରେ ସୁଭଦ୍ରା ଯୋଜନା ଫର୍ମ ଧରି ଛିଡ଼ା ହୋଇଛନ୍ତି।

# ୧ କୋଟି ୪ ଲକ୍ଷ ୮୦,୭୦୫ ଟଙ୍କା ଜରିମାନା ଆଦାୟ

**ରାୟଗଡ଼ା,୧୪।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସିଭିଲ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨,୯୦୩ ମାମଲାର ସମାଧାନ କରାଯାଇଥିଲା। ରାୟଗଡ଼ା ଜିଲା ସମେତ ଗୁଣପୁର, ବିଷମକଟକ, କାଶୀପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନଧରି ପଡିଥିବା ୩୪୮ ମାମଲାର ଫଇସଲା କରାଯାଇ ୫୫ ଲକ୍ଷ ୧୭,୦୯୪ ଟଙ୍କା ଆଦାୟ କରାଯାଇଛି। ସେହିପରି ରାଜସ୍ୱ ସମ୍ବନ୍ଧିତ ୧୨ ହଜାର ୫୩୦ମାମଲା ଫଇସଲା ହୋଇ ୩ ଲକ୍ଷ ୧୯ ହଜାର ୦୧୫ ଟଙ୍କା, ଲେବର ସମ୍ବନ୍ଧିତ ୯ ମାମଲା ଫଇସଲା କରାଯାଇ ୪୪ ଲକ୍ଷ ୧୨୪୮୭ ଟଙ୍କା ଅଦାୟ କରାଯାଇଛି। ପ୍ରିଲିଟିଗେଶନ ସମ୍ବନ୍ଧିତ ୧୬ ମାମଲାର ଫଇସଲା ହୋଇ ୨ ଲକ୍ଷ ୩୨ ହଜାର ୧୦୯ ଟଙ୍କା ଆଦାୟ କରାଯାଇଛି।


ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି ।

ସମୁଦାୟ ୧ କୋଟି ୪ ଲକ୍ଷ ୮୦,୭୦୫ ଟଙ୍କା ଜରିମାନା ଆଦାୟ କରାଯାଇଛି ।

ଲୋକ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜଲା ଦୌରା ଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପରିବାର ଅଦାଲତ ବିଚାରପତି ରଞ୍ଜିତ କୁମାର ବେହେରା, ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଏସ୍ଏକେ ଜାହିରା ଅହମ୍ମଦ, ଅତିରିକ୍ତ ଜିଲା ଦୌରା ଜଜ୍ ଅଲ୍ପନା ସ୍ୱାଇଁ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ମୀନାକ୍ଷୀ ପ୍ରିୟଦର୍ଶିନୀ, ମହିଳା କୋର୍ଟ ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ସୌମ୍ୟରୂପ ସାହୁ, ସବ୍ ଜଜ୍ ଆଶିଷ ପଟ୍ଟନାଏକ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ବର୍ଷା ଦାସ, ନ୍ୟାୟାଧିକାରୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ, ରାୟଗଡ଼ା ବାର୍ ଆସୋସିଏଶନ ସଭାପତି ପଦ୍ମନାଭ ଦାସଙ୍କ ସମେତ ଅନ୍ୟ ଆଇନଜୀବୀ ପ୍ରମୁଖ ଯୋଗଦେଇଥିଲେ। ଏହି ଲୋକ ଅଦାଲତଟିକୁ ସଫଳ କରିଥିବାରୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଚାର୍ଯ୍ୟ ଜନସାଧାରଣ, ଆଇନଜୀବୀ ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

■ ରାଷ୍ଟ୍ରୀୟ ଲୋକ ଅଦାଲତ
■ ୧୨,୯୦୩ ମାମଲାର ଫଇସଲା

# ଜିଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ ଦାବି


ଦାବି ଜଣାଇବାକୁ ଆସିଥିବା ନେରିଡ଼ିଗୁଡ଼ା ଗ୍ରାମର ମହିଳାମାନେ ।

**ରାୟଗଡ଼ା,୧୪।୯(ଆଶିଷ ରଞ୍ଜନ ପଣ୍ଡା)**

କୋଲନରା ବ୍ଲକ୍ ବଡ଼ଖିଲାପଦର ପଞ୍ଚାୟତ ନେରିଡ଼ିଗୁଡ଼ା ଗ୍ରାମର ମହିଳାମାନେ ରାସ୍ତା ସମସ୍ୟା ନେଇ ଶନିବାର ଜିଲାପାଳ ପାରୁଲ ପଟୱାରିଙ୍କୁ ଭେଟିଛନ୍ତି । ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଜିଲାପାଳ ଅଭିଯୋଗ ଶୁଣି ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉକି ନେରିଡ଼ିଗୁଡ଼ା ଗାଁକୁ ପକ୍କାରାସ୍ତା ଏବଂ ନିକଟସ୍ଥ ନଦୀ ଉପରେ ପୋଲ ନ ଥିବା ବେଳେ ଗ୍ରାମର ୧୫ଜଣ ଛାତ୍ରୀଛାତ୍ର ଭରା ନଈ ପାରିହୋଇ ୨କି.ମି. ଦୂର ପିଣ୍ଡାପଦର ଗ୍ରାମ ସ୍କୁଲକୁ ପଢ଼ିବାକୁ ଯାଉଛନ୍ତି । ପୋଲ ଓ ରାସ୍ତା ନ ଥିବା କାରଣରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି । ଗର୍ଭବତୀ ମହିଳା ଓ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମବାସୀ ସମସ୍ୟା ବିଷୟରେ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ସେମାନେ ଅବହେଳିତ ହୋଇ ରହିଛନ୍ତି। ରାସ୍ତା ନ ଥିବା କାରଣରୁ ବିଷମକଟକ ବିଧାୟକ ନୀଳମାଧବ ହିକକା ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ । ଗାଁକୁ କେଉଁ କାରଣରୁ ଗମନାଗମନ ପଥ ସୁଗମ ହୋଇପାରିନାହିଁ ସେନେଇ ତଦନ୍ତ ହେବା ଆବଶ୍ୟକ ବୋଲି ବିଧାୟକ ନୀଳମାଧବ କହିଛନ୍ତି । ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଗାଁକୁ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସ୍କୁଲରେ ହିନ୍ଦୀ ଦିବସ

**ଗୁଣପୁର, ୧୪।୯(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଖଅଳା ଉଚ୍ଚ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ସଭା କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ବକ୍ତୃତା, ଗୀତ ଏବଂ ହସ୍ତଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ପଦ୍ମନ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ପଦ୍ମଚରଣ ବେହେରାଙ୍କ ସହ ଦମୟନ୍ତୀ ମହାନ୍ତି, ନିରଞ୍ଜନ ଦାସ, ବି. ଏନ୍. ଦାସ, ମହେନ୍ଦ୍ର ପାଣିଗ୍ରାହୀ ଏବଂ ହିନ୍ଦୀ ଶିକ୍ଷକ ତ୍ରିପତିଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଟିପ୍ପର-ବାଇକ ମୁହାଁମୁହିଁ, ଜଣେ ମୃତ

**ଗୁଣପୁର,୧୪।୯(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ଅଧୀନ କୁଲୁସିଂ ପଞ୍ଚାୟତ ସର୍ଗିଆସିଂ ଗ୍ରାମ ନିକଟ ମୁଖ୍ୟ ରାସ୍ତା ଉପରେ ଶନିବାର ସନ୍ଧ୍ୟାରେ ବାଇକ୍ ସହ ଟିପ୍ପର ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଜପତି ଜିଲ ଉଦୟଗିରି ଅଞ୍ଚଳର ରଣାଲଇ ଗ୍ରାମର ବାବୁଲା ବିଷୋୟୀ। ଗୁରତର ଜଣକ ଗଜପତି ଜିଲା ଗୁମ୍ମା ଗ୍ରାମର ଅଭିଷେକ ପାଣି। ଘଟଣାସ୍ଥଳରେ ପୁଟାସିଂ ପୋଲିସ ପହଞ୍ଚିଛି। ଅଗ୍ନିଶମ ବିଭାଗ ମୃତଦେହ ଜବତ କରି ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛ। ଟିପ୍ପର ଚାଳକ ଫେରାର ଥିବାବେଳେ ପୋଲିସ ଗାଡ଼ି ଜବତ କରିଛି।

### ଖୋଲିଲା କୋଲାବ ଡ୍ୟାମ ଗେଟ୍

**କୋରାପୁଟ,୧୪।୯(ଅମିତାଭ ବେହେରା)**

କୋରାପୁଟ କୋଲାବ ଡ୍ୟାମର ଗୋଟିଏ ଗେଟ୍ ଶନିବାର ଅପରାହ୍ନ ୩ଟାରେ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ୩୫୦୦ ଘନ ମିଟର ଜଳ ନିଷ୍କାସିତ ହେଉଥିବା ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର କହିଛନ୍ତି। ୨୪ ଘଣ୍ଟା ପର୍ଯ୍ୟନ୍ତ ଗେଟ ଖୋଲା ରହିବ।

# ୩ ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର, ଥଇଥାନ

**ରାୟଗଡ଼ା,୧୪।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ନିର୍ଦ୍ଦେଶ କ୍ରମେ ୩ ମାନସିକ ଅନଗ୍ରସର ମହିଳାଙ୍କୁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ସହଯୋଗରେ ଉଦ୍ଧାର କରାଯାଇ ସ୍ୱତନ୍ତ୍ର ଯାନ ଯୋଗେ ମାଲକାନଗିରିସ୍ଥିତ ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଯାଇଛି। ଗତ କିଛିଦିନ ହେଲା ଏହି ୩ ମହିଳା ରାୟଗଡ଼ା ସହରର ବିଭିନ୍ନ ଗଳି ଓ ରାସ୍ତାକଡ଼ରେ ବୁଲିବାର ଦେଖିବାକୁ ମିଳୁଥିଲା । ସେଥିମଧ୍ୟରୁ ୨ ମହିଳାଙ୍କୁ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଉଦ୍ଧାରକରି ଜାଗୃତି କେନ୍ଦ୍ରକୁ ହସ୍ତାନ୍ତର କରିଥିଲେ । ଗତ ୧୨ ତାରିଖରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ କନିଷ୍ଠ ସହାୟକ ପ୍ରସାଦ ରାଓ ତାମରାପୁ ଏବଂ ଓଡ଼ିଶା ପୋଲିସ ସହଯୋଗରେ ଅନ୍ୟ ଏକ ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡା. ପ୍ରଦୀପ୍ତ କୁମାର ସୁବୁଦ୍ଧି ଓ ପୂର୍ଣ୍ଣଚନ୍ଦ୍ର କାଦମ୍ବାଲୁ, ସାମାଜିକ କର୍ମୀଙ୍କ ସହାୟତାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଜାଗୃତି କେନ୍ଦ୍ରର ଅଧକ୍ଷା ଓ ଅନ୍ୟାନ୍ୟ ସହାୟକମାନେ ସହଯୋଗ କରିଥିଲେ।


ମାନସିକ ଅନଗ୍ରସର ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

# ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ




**ଚନ୍ଦ୍ରପୁର,୧୪।୯(ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାରେ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶନିବାର ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ସଫେଇ ସହ ବସ୍‌ଷ୍ଟାଣ୍ଡ, ମୁଖ୍ୟ ସାହି, ଇନ୍ଦିରାନଗର, ବାପୁଜୀ ନଗର ପରିକ୍ରମାକରି ଗାଁ ପରିବେଶର ସ୍ୱଚ୍ଛତା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶବର, ଶିକ୍ଷକ କୈଳାସ ଶବର, ଜୟରାମ କରକରିଆ, ପଙ୍କଜ କୁମାର ଜାଲ, ଶିକ୍ଷୟିତ୍ରୀ ସସ୍ମିତା କିମ୍‌କା, ବୁଧେଶ୍ୱତା ଶବର, ସିଆର୍‌ସିସି ନିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ନିଜ ବିଦ୍ୟାଳୟ, ଘର, ଗ୍ରାମକୁ ସଫା ସୁତରା ରଖିବା ପାଇଁ ଆଲୋଚନା ହୋଇଥିଲା।

# ପଦ୍ମପୁରରେ ସୁଭଦ୍ରା ରଥକୁ ଭବ୍ୟ ସ୍ୱାଗତ


ସୁଭଦ୍ରା ରଥକୁ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱାଗତ କରାଯାଉଛି।

**ପଦ୍ମପୁର,୧୪।୯(ପ୍ରଶାନ୍ତ କର)**

ରାୟଗଡ଼ ଜିଲା ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୁଭଦ୍ରା ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ଅଧକ୍ଷ ମଣିମାଳା ଶବର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ ସୁଭଦ୍ରା ରଥର ପରିକ୍ରମା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ରଥକୁ ପଦ୍ମପୁର, ଖମାପଦର, ଖିଲାପଦର, ଜାତିଲି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିଭାଗ ଅଧିକାରୀ ଯୋଗଧିଶ୍ୱରୀ ଆଲୁ, ସମସ୍ତ ମଣ୍ଡଳ ପରିଦର୍ଶିକା, ମିଶନ ଶକ୍ତି ବ୍ଲକ୍ ପ୍ରକଳ୍ପ ସଂଯୋଜକ ସୁନୀଲ ମିଶ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିନୋଦ ଶବର, ପଦ୍ମପୁର ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ, ଓଡ଼ିଶା ଜୀବିକା ମିଶନର ମୋନାଜ ଗମାଙ୍ଗ, ପେସା ସଂଯୋଜକ ଶିବ ଗୌଡ଼, ବ୍ଲକ କର୍ମଚାରୀ, ବ୍ଲକ୍‌ସ୍ତରୀୟ ମହାସଂଘ ଓ ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି, ସମ୍ପାଦିକା, କାର୍ଯ୍ୟକାରୀ ସଦସ୍ୟା, ସମସ୍ତ ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ଗୋଷ୍ଠୀ ସହାୟିକାମାନେ, ଆଶାକର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ମିଟସ୍‌ରେ ଇଞ୍ଜିନିୟର୍ସ ଦିବସ ପାଳିତ

**ରାୟଗଡ଼ା,୧୪।୯(ଆଶିଷ ରଞ୍ଜନ ପଣ୍ଡା)**

ମିଟସ୍ କଲେଜରେ ଭାରତରତ୍ନ ସାର୍ ମୋକ୍ଷଗୁଣ୍ଡମ୍ ବିଶେଶ୍ୱରାୟାଙ୍କ ଜନ୍ମବାର୍ଷିକ ଅବସରରେ ଶନିବାର ଇଞ୍ଜିନିୟର୍ସ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଏଇପି ସାର୍ଟିଫିକେଟ୍‌ର ସିଇଓ ଶିବ କରୁଣାକାରାମ୍ ଓ ଡକ୍ଟର ସି.ଭି. କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମିଟସ୍ ନିର୍ଦ୍ଦେଶକ ଗୋପୀନାଥ ଏବଂ ପ୍ରିନ୍ସପାଲ୍ ପ୍ରଫେସର ରାମାନୁଜ ନାୟକ, ଛାତ୍ର, ଅଧାପିକା ଏବଂ କର୍ମଚାରୀଙ୍କୁ ବାୟୋଟେକ୍ନୋଲୋଜିର ସହକାରୀ ପ୍ରଫେସର ଅନିମେଶ ଘୋଷ ଇଞ୍ଜିନିୟର୍ସ ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ଆଧୁନିକ ଇଞ୍ଜିନିୟରିଂ ଅଭ୍ୟାସର ବିକାଶରେ ମହାନ ଇଞ୍ଜିନିୟର ସାର୍ ଏମ୍. ବିଶେଶ୍ୱରାୟଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଶେଶ୍ୱରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମିଟସ୍ ଇଞ୍ଜିନିୟରମାନଙ୍କୁ ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ଉଦ୍ୟମ କରିବାକୁ ପ୍ରେରଣା ଦିଆଯାଇଥିଲା। ସଂଯୋଜକ ସନ୍ଧ୍ୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ଇଞ୍ଜିନିୟର୍ସ ଦିବସରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି ।

# ଚଢ଼ାଉକରି ମଦ ପୋଚ ନଷ୍ଟକଲା ଅବକାରୀ ବିଭାଗ

**ଦଶମନ୍ତପୁର, ୧୪।୯(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ୨ ପଞ୍ଚାୟତର ୨ଟି ଗାଁରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ବ୍ୟାପକ ମଦ ପୋଚ ନଷ୍ଟ ସହ ଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଏସ୍ଆଇ ଅରୁଣ କୁମାର, ସୁଧୀର କୁମାର, ଚନ୍ଦ୍ରଶେଖର ପ୍ରଧାନ ଓ ସୁମନ୍ତ ମାଝୀ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ଦଶମନ୍ତପୁର ପଞ୍ଚାୟତ କେ.ଦଣ୍ଡାବାଡ଼ ଏବଂ ପରଜାବେଡାପଦର ପଞ୍ଚାୟତର ଚନ୍ଦନ ଖୁଣ୍ଟି ଗ୍ରାମରେ ଚଢ଼ାଉ କରିଥିଲେ। ୨ ଗ୍ରାମରୁ ୨୩୦୦ ଲିଟର ଦେଶୀ ମଦ ପୋଚ ନଷ୍ଟ କରାଯାଇଛି। ଏଥିସହ ୧୧୦ ଲିଟର ଦେଶୀ ମଦ ଜବତ କରାଯାଇଛି।

# ଟିକିରିରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ଟିକିରି, ୧୩।୯(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (କୁଇଜ୍ ପ୍ରତିଯୋଗିତା) ଅନୁଷ୍ଠିତ ହେଇଛି। କାର୍ଯ୍ୟକ୍ରମରେ ଶନିବାର ବ୍ଲକ ଅଧୀନ ୧୮ କ୍ଲଷ୍ଟରରୁ ୨ଜଣ ଲେଖାଏ ଶିକ୍ଷକ ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲରୁ ୧୪୦ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ଉପକନିଷ୍ଠ ଏବଂ କନିଷ୍ଠ ବିଭାଗରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଛି। ଉପକନିଷ୍ଠ ବିଭାଗରେ ପୁହୁଣ୍ଡି ୟୁପିଏସ୍‌ର ଅଭିଲିପ୍ସା ଦାସ ପ୍ରଥମ, ପୋଡ଼ାପାଡ଼ି ୟୁପିଏସ୍‌ର ସଞ୍ଚିତା ପ୍ରିୟଦର୍ଶନୀ ଦାସ ଦ୍ୱିତୀୟ ଓ ଟିକିରି ୟୁପିଏସ୍‌ର ଆଦିତି ନିଶଙ୍କ ତୃତୀୟ ହୋଇଛନ୍ତି। କନିଷ୍ଠ ବିଭାଗରେ ଯୋଡାଆମ୍ବ ୟୁଜିଏଚ୍ଏସ୍‌ର ଭୂମିକା ନାଏକ ପ୍ରଥମ, ଗୋଡିବାଲି ୟୁଜିଏଚଏସ୍‌ର ତରୁଣ ମାଝି ଦ୍ୱିତୀୟ ଓ ପୋଡ଼ାପଦର ୟୁଜିଏଚ୍ଏସ୍‌ର ବିପୁଲ ନାଏକ ତୃତୀୟ ହୋଇଛନ୍ତି। ସରପଞ୍ଚ ଚମ୍ପା ମାଝି ,ଏବିଇଓ କୁଳରଞ୍ଜନ ସୁନା, ଅବସରପ୍ରାପ୍ତ ଶିକ୍ଷକ ଶଙ୍କର ମିଶ୍ର ଓ ନବ ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମକୁ ସିଆର୍‌ସିସି ଅରୁଣ ନାଏକ ପରିଚାଳନା କରିଥିଲେ। ଏବିଇଓ ବିଦ୍ୟାଧର ମାଝି ଓ ରଶ୍ମିରଞ୍ଜନ ଲେଙ୍କା ଏଥିରେ ସହଯୋଗ କରିଥିଲେ। ସିଆରସି ହେମନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

# ୬୭ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ

**ରାୟଗଡ଼ା,୧୪।୯(ଆଶିଷ ରଞ୍ଜନ ପଣ୍ଡା)**

**ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା**

ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା। ରାୟଗଡ଼ା ଜିଲାର ୬୭ଟି ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ରହିଥିବା ଜଣାପଡ଼ିଛି। ଜଣେ ଲେଖାଏ ଶିକ୍ଷକ ଥିବା ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ପାଇଁ ଉଚ୍ଚ ଶିକ୍ଷା ସମୟରେ ପିଲାଙ୍କୁ ପାଠ ବୁଝିବା ପାଇଁ କେତେ ଯେ କଷ୍ଟକର ତାହା ସହଜେ ଅନୁମେୟ। ଏହି କାରଣରୁ ୧୦୫୦ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏକ ପ୍ରକାର ଅନ୍ଧାରକୁ ଠେଲି ହେବାରେ ଲାଗିଛି ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଜିଲା ଶିକ୍ଷା ବିଭାଗରେ ଚାଲିଥିବା ଡେପୁଟେସନ ଯୋଗୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଛି। ନିଜ ଇଚ୍ଛା ମୁତାବକ ବ୍ଲକସ୍ତରରେ ଅଧଫକାରୀଙ୍କୁ ହାତବାରିଷି କରି ଶିକ୍ଷୟିତ୍ରୀ ଶିକ୍ଷକ ଡେପୁଟେଶନରେ ଅନ୍ୟ ସ୍କୁଲରେ ରହିବା ଏହାର ପରିଣାମ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି।

ଜିଲାରେ ରହିଥିବା ମୋଟ ୧୦୭୯ ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ କାଶୀପୁରରେ ସର୍ବାଧିକ ୩୧, କଲ୍ୟାଣସିଂହପୁରରେ ୧୪, କୋଲନରାରେ ୬, ରାୟଗଡ଼ା, ବିଷମକଟକ, ରାମନାଗୁଡ଼ା, ଗୁଡାରୀ ବ୍ଲକର ୩ ଲେଖାଏ ଏବଂ ଗୁଣପୁର ଓ ଚନ୍ଦ୍ରପୁର ବ୍ଲକର ୨ଟି ଲେଖାଏ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏ ଶିକ୍ଷକ ରହିଛନ୍ତି । ଜିଲାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଡେପୁଟେସନରେ ଆସି ଘର ପାଖରେ ରହୁଛନ୍ତି। ଫଳରେ ଏହି ସମସ୍ୟା ହେଉଛି। ଜିଲାରେ କେତେ ଶିକ୍ଷୟିତ୍ରୀ ଶିକ୍ଷକ ଡେପୁଟେସନରେ ଅଛନ୍ତି ତାହାର କୌଣସି ସୂଚନା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନ ଥିବା ଡିଇଓ ବସନ୍ତ କୁମାର ନାୟକ ସ୍ୱୀକାର କରିଛନ୍ତି। ଏହି ଡେପୁଟେଶନ ପାଇଁ ଲକ୍ଷାଧିକ ଟଙ୍କାର ଲାଞ୍ଚ କାରବାର ହୋଇଥିବା ନେଇ ନିକଟରେ କେତେଜଣ ବୁଦ୍ଧିଜୀବୀ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ରାୟଗଡ଼ା ଗସ୍ତ ସମୟରେ ଅଭିଯୋଗ କରିଥିଲେ। ତଥାପି କୌଣସି ସୁଫଳ ମିଳିନାହିଁ। ତେବେ ଗତ ଦିନରେ ପ୍ରେସ କ୍ଲବ ପକ୍ଷରୁ ଏନେଇ ଜିଲାପାଳଙ୍କୁ ଅବଗତ କରିବା ସମୟରେ ଜିଲାପାଳ ପାରୁଲ ପଟାୱରି କହିଛନ୍ତି ଯେ, ଯେଉଁସବୁ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି ତାହାର ତଥ୍ୟ ଶିକ୍ଷା ବିଭାଗକୁ ମଗାଯାଇଛି। ତଥ୍ୟ ମିଳିବା ପରେ କନିଷ୍ଠ ଶିକ୍ଷକ ନିଯୁକ୍ତି ସମୟରେ ସେଗୁଡ଼ିକୁ ଧ୍ୟାନରେ ରଖି ନିଯୁକ୍ତି ଦିଆଯିବ।

# କନିଷ୍ଠ ଯନ୍ତ୍ରୀଙ୍କ ତଦାରଖରେ ୧୦୦ କୋଟିର କାମ

ସେମିଳିଗୁଡ଼ା/ସୁନାବେଡ଼ା,୧୪।୯ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

- ୩ ସେକ୍ସନ ଦାୟିତ୍ୱରେ ଜଣେ କନିଷ୍ଠ ଯନ୍ତ୍ରୀ
- ଦୁର୍ନୀତିର ଗନ୍ତାଘର ସାଜିଛି କୋରାପୁଟ ପୂର୍ତ୍ତ ବିଭାଗ

ପୂର୍ତ୍ତ ବିଭାଗ ପଟ୍ଟାଙ୍ଗି ଉପଖଣ୍ଡ ଅଧୀନରେ ପଟ୍ଟାଙ୍ଗି, ସେମିଳିଗୁଡ଼ା ଓ ନନ୍ଦପୁର ୩ ସେକ୍ସନ ରହିଛି। ହେଲେ ବହୁଦିନ ହେବ ଏହି ସେକ୍ସନଗୁଡ଼ିକରେ କୌଣସି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନାହାନ୍ତି । ଫଳରେ ଏ ସମସ୍ତ ସେକ୍ସନ ଅଧୀନରେ ହେଉଥିବା ଉନ୍ନୟନମୂଳକ କାମ ଦେଖିବାକୁ କେହି ନାହାନ୍ତି। ତେଣୁ ଏ ସମସ୍ତ ଅଞ୍ଚଳରେ ହେଉଥିବା କାମଗୁଡ଼ିକ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି ।

ସୂଚନାଯୋଗ୍ୟ, ଏହି ୩ ସେକ୍ସନର ତଦାରଖ ଦାୟିତ୍ୱ କୋରାପୁଟ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଛି। ଏହାର ଦୂରତା ଏଠାରୁ ପ୍ରାୟ ୧୦୦ କି.ମି. ହେଉଛି। ହେଲେ ଜଣେ ଲୋକ ଏତେ ଗୁଡ଼ିଏ ସେକ୍ସନ ସମ୍ଭାଳିବା ଅସମ୍ଭବ ହେଉଛି। ଫଳରେ ଠିକାଦାର ଓ ଅଧିକାରୀଙ୍କୁ ସୁହାଉଥିବା ଅଭିଯୋଗ ହେଉଛି। ପଟ୍ଟାଙ୍ଗି ଉପଖଣ୍ଡ ଅଧୀନରେ ଚଳିତ ଆର୍ଥିକ ବର୍ଷରେ ସିନ୍ଧିପୁଟ ବ୍ରିଜ୍, ନନ୍ଦପୁର-ବନମାଳୀପୁଟ ରାସ୍ତା, ସଗର-ଜଲାପୁଟ ରାସ୍ତା ଓ ସୁଙ୍କି-ଅମ୍ବାବାଲି ରାସ୍ତା ନିର୍ମାଣ ଚାଲିଛି। ପ୍ରାୟ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମ ଚାଲୁଥିବା ବେଳେ ଏ ସମସ୍ତ କାର୍ଯ୍ୟର ତଦାରଖ ଦାୟିତ୍ୱ କୋରାପୁଟ ସେକ୍ସନର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଛି। କୋରାପୁଟରୁ ସୁଙ୍କି ଦୂରତା ପ୍ରାୟ ୧୦୦ ରୁ ୧୨୦ କି.ମି.। ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଜଣେ ଯନ୍ତ୍ରୀ କିପରି ଏତେ ଦୂରଯାଇ ଏହାକୁ ତଦାରଖ କରିବେ। ଏହା ଏକ ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଥିବା ଭଳି ମନେ ହେଉଛି। ତା'ଛଡ଼ା ପଟ୍ଟାଙ୍ଗି ସେକ୍ସନରେ ଥିବା ସ୍ଥାୟୀ ଯନ୍ତ୍ରୀଙ୍କୁ କୋରାପୁଟ କାର୍ଯ୍ୟାଳୟକୁ ପଠାଇ କୋରାପୁଟରେ ରହୁଥିବା କାକିରିଗୁମା ସେକ୍ସନ ଯନ୍ତ୍ରୀଙ୍କୁ ନିଜ ସେକ୍ସନ ସହ ଆଉ ୩ ସେକ୍ସନର ଦାୟିତ୍ୱ କାହା ସ୍ୱାର୍ଥରେ ଦିଆଯାଇଛି ବୋଲି ଚର୍ଚ୍ଚାର ବିଷୟ ହୋଇଛି। ତେବେ କିଛିଦିନ ପୂର୍ବରୁ ସୁଙ୍କି-ଅମ୍ବାବାଲି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହେବାପରେ ଉପରିସ୍ଥ ଅଧିକାରୀ କିଛିଦିନ କାର୍ଯ୍ୟ ବନ୍ଦକରି ଦେଇଥିବା ନଜିର ରହିଛି। ହେଲେ ବିଭାଗର ନିଦ ଭାଙ୍ଗି ନ ଥିବା ଜଣାପଡୁଛି। ଏଠାରେ ଆହୁରି ମଧ୍ୟ ଅଭିଯୋଗ ଉଠିଛି, ଏପରି କରି ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାର ବହୁ କୋଟି ଟଙ୍କା ଆଦାୟ କରୁଛନ୍ତି। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ହେଉଥିବା କାମ ଗୁଡ଼ିକ ଅଧିକାରୀଙ୍କ ସହ ଭଲ ସମ୍ପର୍କ ଥିବା ଠିକାଦାରଙ୍କୁ ଦିଆଯାଉଛି। ଏଥିରୁ ଅନୁମେୟ ଏ ସମସ୍ତ କାମ ବିଭାଗୀୟ ଅଧିକାରୀଙ୍କ ଛତ୍ରଛାୟାରେ ହିଁ ହେଉଛି। ବିଭାଗ ଜାଣିଶୁଣି ଆଖିବୁଜି ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଦାୟିତ୍ୱ ଟେକିଦେଇ ବସିଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ପଟ୍ଟାଙ୍ଗି ଉପଖଣ୍ଡ ଏସ୍‌ଡିଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଉପଖଣ୍ଡ ଅଧୀନ ୩ ସେକ୍ସନରେ କେହି କନିଷ୍ଠ ଯନ୍ତ୍ରୀ ନ ଥିବା ଏବଂ ୧୦୦ କୋଟି ଟଙ୍କାର କାର୍ଯ୍ୟ ହେଉଥିବା ସ୍ୱୀକାର କରିଥିଲେ। ଯେଉଁଠି ଜଣେ ଗୋଟିଏ କାମକୁ ସୁଚାରୁରୂପେ କରିବା ସମ୍ଭବ ନୁହେଁ, ସେଠି ଏତେଗୁଡ଼ିଏ କାମ କିପରି ହେବ। ତଥାପି ମୁଁ ସମୟ ବାହାରକରି ଏହାର ତଦାରଖ କରୁଛି। ସୁଙ୍କି -ଅମ୍ବାବାଲି ରାସ୍ତା ନିମ୍ନମାନର ହୋଇନାହିଁ ବୋଲି କହିଥିଲେ। ଏଥିସହ କେବେବି ସେ କାମ ଆମେ ବନ୍ଦ କରିନାହୁଁ। ଠିକାସଂସ୍ଥା କୌଣସି କାରଣ ପାଇଁ କାମ ବନ୍ଦ କରିଥାଇପାରେ। ସେହିପରି ୩ ସେକ୍ସନରେ କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ଏସ୍‌ଡିଓ ସାହୁ କହିଥିଲେ।

ଏ ସମ୍ପର୍କରେ କୋରାପୁଟ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟନାରାୟଣ ଖୁରାଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୭୬୧୩୭୭୭ରେ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## କୃତୀ ପ୍ରତିଯୋଗୀ ପୁରସ୍କୃତ



ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କୋରାପୁଟ,୧୪।୯(ଅମିତାଭ ବେହେରା)

**କୋରାପୁଟ ମ୍ୟୁନିସିପାଲିଟି ଅଧୀନ ବିଭିନ୍ନ ସ୍କୁଲରେ ସ୍ୱଚ୍ଛତା ପକ୍ଷ ପାଳିତ**

କୋରାପୁଟ ମ୍ୟୁନିସିପାଲିଟି ଅଧୀନରେ ଥିବା ବିଦ୍ୟାଳୟରେ ସ୍ୱଚ୍ଛ ପକ୍ଷ ପାଳନ କରାଯାଇଛି। ଶନିବାର ଅନ୍ତିମ ଦିବସରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କୋରାପୁଟ ପୌର ପରିଷଦ ଅଧୀନ ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହ କରାଯାଇଛି। ମାଳିସାହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପରିଚାଳନା କମିଟି ଅଧକ୍ଷା, ଉପାଧକ୍ଷ ଏବଂ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଶିଶୁ ସଂସଦ ମୁଖ୍ୟମନ୍ତ୍ରୀ ପ୍ରୀତି ଖେମୁଣ୍ଡୁ ଓ ଉପମୁଖ୍ୟମନ୍ତ୍ରୀ ପ୍ରିୟାଂଶୁ ଟାକ୍ରି, ଶିକ୍ଷକ ସତ୍ୟାଞ୍ଜଳ ଆଚାର୍ଯ୍ୟ, ହିମାଂଶୁ ମହାପାତ୍ର, କ୍ଷଣପ୍ରଭା ରାଉତ, ରିବିକା ଆର୍ଶଦା, ଜେ.ରଞ୍ଜିତ, ସ୍ୱଚ୍ଛତା ସଂଯୋଜକ ପ୍ରମୋଦ ଡାକୁଆଙ୍କ ସମେତ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍.ଇ ରେଲୱେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଲିସ ପ୍ରାଥମିକ ବିଦ୍ୟାଳୟ, ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଛପର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଦେବୀଘାଟ ଜେଇଏଲସି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସୂଚେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

**ଚଢ଼ାଉକରି ମଦ ପୋଚ ନଷ୍ଟକଲା ଅବକାରୀ ବିଭାଗ**

ଦଶମନ୍ତପୁର, ୧୪।୯(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ୨ ପଞ୍ଚାୟତର ୨ଟି ଗାଁରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରିଛି। ଘଟଣାସ୍ଥଳରୁ ବ୍ୟାପକ ମଦ ପୋଚ ନଷ୍ଟ ସହ ଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଏସ୍‌ଆଇ ଅରୁଣ କୁମାର, ସୁଧୀର କୁମାର, ଚନ୍ଦ୍ରଶେଖର ପ୍ରଧାନ ଓ ସୁମନ୍ତ ମାଝୀ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ଦଶମନ୍ତପୁର ପଞ୍ଚାୟତ କେ.ଦଣ୍ଡାବାଡ଼ ଏବଂ ପରଜାବେଡାପଦର ପଞ୍ଚାୟତର ଚନ୍ଦନ ଖୁଣ୍ଟି ଗ୍ରାମରେ ଚଢ଼ାଉ କରିଥିଲେ। ୨ ଗ୍ରାମରୁ ୨୩୦୦ ଲିଟର ଦେଶୀ ମଦ ପୋଚ ନଷ୍ଟ କରାଯାଇଛି। ଏଥିସହ ୧୧୦ ଲିଟର ଦେଶୀ ମଦ ଜବତ କରାଯାଇଛି।

**ଶାବର ଶ୍ରୀକ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ**

କୋରାପୁଟ,୧୪।୯(ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ୫୩୭ତମ ଜୟନ୍ତୀ ପାଳିତହୋଇଯାଇଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରରେ ଥିବା ଭାଗବତ ଗୃହରେ ଆୟୋଜିତ ଉତ୍ସବରେ କମିଟି ସମ୍ପାଦକ ଡ ଜଗବନ୍ଧୁ ସାମଲ ଅଧ୍ୟକ୍ଷତା କରି ଅତିବଡ଼ୀ ଜଗନ୍ନାଥ ଦାସ ଏବଂ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଲିଖିତ ଓଡ଼ିଆ ଭାଗବତ ଓଡ଼ିଆ ଜନଜୀବନର ମୂଳପିଣ୍ଡ। ଏହା ଜଗନ୍ନାଥ ସଂସ୍କୃତି ଓ ଆଧାତ୍ମିକ ଚେତନା ପ୍ରଚାର କରିବା ସହ ଜଗନ୍ନାଥ ସଂସ୍କୃତିରେ ସମସ୍ତେ କିପରି ବାନ୍ଧିରଖି ପାରିଛନ୍ତି ସେସମ୍ପର୍କରେ ସୂଚନା ଦେଇଥିଲେ। ଡ. ଅମୂଲ୍ୟ ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଭାଗବତ ଟୁଙ୍ଗିର ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଲଲାଟେନ୍ଦୁ ଦେଓ, ଭୀମସେନ ଜେନା, ତ୍ରିନାଥ ପାତ୍ର, ଗୋବିନ୍ଦ ପରିଡ଼ାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ। ପ୍ରକାଶ କୁମାର କର ଏଥିରେ ସହଯୋଗ କରିଥିଲେ।

# ୬ବର୍ଷ ପରେ ଖୋଲିଲା କୋଲାବ ଡ୍ୟାମ ଗେଟ୍

କୋରାପୁଟ,୧୪।୯(ଅମିତାଭ ବେହେରା)




କୋରାପୁଟ କୋଲାବ ଡ୍ୟାମର ଗୋଟିଏ ଗେଟ୍ ଶନିବାର ଅପରାହ୍ନ ୩ଟାରେ ଖୋଲାଯାଇଛି। ପ୍ରତିସେକେଣ୍ଡରେ ୩୫୦୦ ଘନ ମିଟର ଜଳ ନିଷ୍କାସିତ ହେଉଥିବା ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର କହିଛନ୍ତି। ୨୪ ଘଣ୍ଟା ପର୍ଯ୍ୟନ୍ତ ଗେଟ ଖୋଲା ରହିବ। ଗେଟ ଖୋଲିବା ସମୟରେ କୋରାପୁଟ ଉପଜିଲାପାଳ ବେଣୁଧର ଶବର ଉପସ୍ଥିତ ଥିଲେ। ଏହି ସମୟରେ ପୋଲ ନିକଟରେ ଲୋକମାନଙ୍କର ଭିଡ଼ ଜମିଥିଲା। ସମସ୍ତେ ମୋବାଇଲରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଛି। ଏହା ପୂର୍ବରୁ ଗତ ୨୦୧୮ରେ ଅଳ୍ପ ସମୟ ପାଇଁ ଗେଟ ଖୋଲାଯାଇଥିଲା । ୨୦୦୬ରେ ୨ ଥର ଗେଟ୍ ଖୋଲାଯାଇ ବହୁ ପରିମାଣର ଜଳ ନିଷ୍କାସନ କରାଯାଇଥିବା ମୁଖ୍ୟଯନ୍ତ୍ରୀ ସୂଚନା ଦେଇଛନ୍ତି।

କୋରାପୁଟର ମେଗା ଡ୍ୟାମ କୋଲାବ ବିପଦ ସଙ୍କେତ ତେଳେ କୋଲାବ ଜଳଭଣ୍ଡାର ଜଳସ୍ତର ପହଞ୍ଚିଥିଲା। ଶନିବାର ଜଳଭଣ୍ଡାର ପାଣି ଛଡ଼ାଯିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ସମସ୍ତ ଜନସାଧାରଣ ଓ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। କୋଲାବ ଜଳଭଣ୍ଡାର ଜଳଧାରଣ କ୍ଷମତା ୮୫୮ ମିଟର ଥିବାବେଳେ ଶନିବାର ଜଳସ୍ତର ୮୫୭. ୧୨ ମିଟରରେ ପହଞ୍ଚିଛି। ଆଗକୁ ପୁଣି ବଢ଼ିବାର ଆଶଙ୍କା ଥିବାରୁ ଜଳଭଣ୍ଡାର ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ଜଳ ଛାଡିବା ନିଷ୍ପତ୍ତି ନେଇଥିଲେ। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ କୋରାପୁଟ, ନବରଙ୍ଗପୁର, ମାଲକାନାଗିରି ଓ ଦାନ୍ତେୱାଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଡାକବାଜି ଯନ୍ତ୍ର ସହାର୍ଯ୍ୟରେ ତଳିଆ ଅଞ୍ଚଳ ଜନସାଧାରଣଙ୍କୁ ଜଣାଇଛନ୍ତି। ଚଳିତ ବର୍ଷ ପ୍ରଥମ ବନ୍ୟାଜଳ ଗୋଟିଏ ଗେଟ ମାଧ୍ୟମରେ ଛାଡିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ବୋଲି ଆର୍.କେ. ବେହେରା ପ୍ରକାଶ କରିଛନ୍ତି।

## ନଦୀ ପାଖକୁ ନ ଯିବାକୁ ତଳିଆ ଅଞ୍ଚଳ ଲୋକଙ୍କୁ ସଚେତନ

କୁନ୍ଦୁରା, (ସନ୍ତୋଷ ପ୍ରହରାଜ)




କୁନ୍ଦୁରା ବ୍ଲକର କୋଲାବ ନଦୀ ତଳିଆ ଅଞ୍ଚଳ ଦିଗାପୁର, ମସିଗାଁ, ଡଙ୍ଗରପାଡ଼ିସି, ଭୁସାଙ୍ଗଗୁଡ଼ା, ବାଗଦେରୀ ଏବଂ ରାଣୀଗୁଡ଼ା ପଞ୍ଚାୟତର ବିଭିନ୍ନ ଗାଁରେ କୁନ୍ଦୁରା ତହସିଲଦାର ବିନୋଦ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଛି। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଏବଂ ରାଜସ୍ୱ ନିରୀକ୍ଷକଙ୍କ ସହିତ ମିଶି ଡାକବାଜି ଯନ୍ତ୍ର ମାଧ୍ୟମରେ କୋଲାବ ନଦୀ କୂଳକୁ କିମ୍ବା ନଦୀ କୂଳିଆ ଚାଷ ଜମିକୁ ନ ଯିବା, ମାଛ ଧରିବାକୁ ନ ଯିବାକୁ ମନା କରାଯାଇଛି। ଗାଇ ଗୋରୁ ଛେଳି ମେଣ୍ଢା ଆଦି ନେଇ ନଦୀକୂଳ ଆଡ଼େ ଯିବାକୁ ମନା କରାଯାଇଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଜୟପୁର,୧୪।୯(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜେଆର୍‌ସି ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାଥମିକ ଚିକିତ୍ସକ ତଥା ଜେଆର୍‌ସି ରାଜ୍ୟ ସାଧନ କର୍ମୀ ଯଜ୍ଞେଶ୍ୱର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦୁର୍ଘଟଣା, ନିଆଁରେ ପୋଡ଼ିଗଲେ, କୁକୁର ଓ ସାପ କାମୁଡ଼ିଲେ, ମୂର୍ଚ୍ଛା, ରକ୍ତସ୍ରାବ ଏବଂ ଅସ୍ଥିଭଙ୍ଗ ସମୟରେ ପ୍ରାଥମିକ ଚିକିତ୍ସା କୌଶଳ ଶିଖାଇଥିଲେ। ଜେଆର୍‌ସି ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ପ୍ରାଥମିକ ଚିକିତ୍ସାର ପ୍ରଚାରପ୍ରସାର ବିଷୟରେ ଅବଗତ କରିଥିଲେ। ବିଶ୍ୱରଞ୍ଜନ ଗୌଡ଼, ସୋମନାଥ ସାକିଆ, ହିତକର ଚରତି, ଦୁର୍ଗାପ୍ରସାଦ ପାତ୍ର, ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ, କେ.ପ୍ରମିଳା, ସାଗରିକା ପାତ୍ର, ବନିତା ଶତପଥୀ, ଅରୁନ୍ଧତୀ ତ୍ରିପାଠୀ, ରଶ୍ମିତା ନାହାକ, ସୁଧା ପଟ୍ଟନାୟକ,କଲ୍ୟାଣୀ ନାୟକ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନରେଶ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଏକମ୍ବା ହାଇସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ଜେଆର୍‌ସି ପରାମର୍ଶଦାତା ମନୋଜ ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ଡ. ଜ୍ୟୋତ୍ସ୍ନା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡ଼କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏକମ୍ବା ଗ୍ରାମରେ ସ୍ୱଚ୍ଛତା ଉପରେ ଏକ ସଚେତନତା ଶୋଭାଯାତ୍ରା ସହ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବି.ନଳୀନ କୁମାର, ପ୍ରସନ୍ନ ପାଣିଗ୍ରାହୀ, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବୃନ୍ଦାବତୀ ଖରା, ଶୁଭଙ୍କର ଦାଶ, କନିଷ୍ଠ ସହାୟକ ବାଳଗୋପାଳ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ ।

## ବାୟୁ ପ୍ରଦୂଷଣ ରୋକିବା ଲକ୍ଷ୍ୟରେ ବରଗଛ ଲଗାଅ ଅଭିଯାନ

ଦାମନଯୋଡ଼ି,୧୪।୯ (ମାନସ ରଞ୍ଜନ କର)

ବାୟୁ ପ୍ରଦୂଷଣ ରୋକିବା ଲକ୍ଷ୍ୟରେ କୋରାପୁଟ ଜିଲା ଶିଳ୍ପନଗରୀ ଦାମନଯୋଡ଼ିରେ ବରଗଛ ଲଗାଅ ଅଭିଯାନ ଆରମ୍ଭ ହୋଇଛି। ମାଥାଲପୁଟ ଅଞ୍ଚଳର ବାବୁଲା ପାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଏଥିରେ ଅବସରପ୍ରାପ୍ତ ବନପାଳ ରବୀନ୍ଦ୍ର କୁମାର ମହାକୁଡ଼ଙ୍କ ସହ ସନାତନ ରାଉତ, ଅଶୋକ ବେହେରା ଓ ସୁଶାନ୍ତ ରାଉତ ପ୍ରମୁଖ ସ୍ୱେଚ୍ଛାସେବୀମାନେ ଏଥିରେ ସାମିଲ ହୋଇଛନ୍ତି। ଅଞ୍ଚଳରେ ଥିବା ଗାଁ ଶ୍ମଶାନ, କୃଷକ ବଜାର, ହାଟ ବଜାର ଏବଂ ମୁଖ୍ୟରାସ୍ତା ପାର୍ଶ୍ୱରେ ବରଗଛ ଚାରା ରୋପଣ କରାଯାଉଛି। ଏହାଦ୍ୱାରା ଖରାଦିନେ ଲୋକଙ୍କୁ ଶାନ୍ତି ମିଳିବା ସହ ବରଗଛରୁ ପ୍ରଚୁର ପରିମାଣର ଅମ୍ଳଜାନ ମିଳୁଥିବାରୁ ବାୟୁମଣ୍ଡଳ ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି ମହାକୁଡ଼ କହିଛନ୍ତି। ଏହି ଅଭିଯାନରେ ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ବରଗଛ ଚାରା ରୋପଣ ହୋଇ ସାରିଥିବା ବେଳେ ଆଗାମୀ ଦିନରେ ଅଧିକରୁ ଅଧିକ ସଂଖ୍ୟକ ଲଗାଯିବ ବୋଲି ଆବାହକ ବାବୁଲା ପାତ୍ର କହିଛନ୍ତି।


ମାଥାଲପୁଟ ଗାଁ ଶ୍ମଶାନରେ ବରଗଛ ଚାରାରୋପଣ କରୁଛନ୍ତି ସ୍ୱେଚ୍ଛାସେବୀ ଯୁବକମାନେ ।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଜୟପୁର, ୧୪।୯(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ କାର୍ଯ୍ୟାଳୟ ଓ ପୌରପାଳିକାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଷ୍ଟେନୋ ଗୋପାଳ ସାହୁ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ରହି ପରିଷଦ ପରିସର ସଫେଇ କରିଥିଲେ। ସେହିପରି ବ୍ଲକ କାଯ୍ୟାଳୟରେ ସଫେଇ କରାଯାଇଛି। ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ରଞ୍ଜିତାରାଣୀ ପଣ୍ଡା, ସନ୍ତୋଷୀ ମହାପାତ୍ର, ଯୋଗାଣ ନୀରିକ୍ଷକ ହରିଶରଣ ମଲ୍ଲିକ ସହ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଭେଜାପୁଟରେ ଭାଗବତ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ

ଦାମନଯୋଡ଼ି,୧୪।୯(ମାନସ ରଞ୍ଜନ କର)

ଦାମନଯୋଡ଼ି ଉପକଣ୍ଠସ୍ଥ ଭେଜାପୁଟ ସିଦ୍ଧେଶ୍ୱର ମହାଦେବ ମନ୍ଦିର ସାମ୍ନାରେ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ ଗୁରୁବାରଠାରୁ ଆରମ୍ଭ ହୋଇଛି। ଦୈନିକ ସକାଳ ୬ରେ ପରାୟଣ ହେଉଥିବା ବେଳେ ସନ୍ଧ୍ୟା ୭ଟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ପୁରୀରୁ ଦିବ୍ୟ ପ୍ରବକ୍ତା ତ୍ରିଦଣ୍ଡୀ ସ୍ୱାମୀ ଭକ୍ତି ପୀୟୁଷ ଅବଧୂତ ମହାରାଜ ମୁଖ୍ୟ ପ୍ରବଚକ ଭାବେ ଦିବ୍ୟଜ୍ଞାନ ପ୍ରଦାନ କରୁଥିବା ବେଳେ ସାଥୀମାନେ ତାଙ୍କୁ ସହଯୋଗ କରୁଛନ୍ତି। ସପ୍ତାହବ୍ୟାପୀ ଚାଲୁ ରହିଥିବା ଭାଗବତ କଥା ଆସନ୍ତା ୧୮ତାରିଖି ଭାଦ୍ରବ ପୂର୍ଣ୍ଣିମାରେ ଉଦ୍‌ଯାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ସାମାଜକ କର୍ମୀ ହରିବନ୍ଧୁ ବିଶ୍ୱାଳଙ୍କ ନେତୃତ୍ୱରେ ମନ୍ଦିର ପରିଚାଳନା କମିଟି,ଭେଜାପୁଟ ବଜାରବାସୀ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଛନ୍ତି।

# ୪, ୮୬, ୧୩, ୩୩୯ ଟଙ୍କା ଆଦାୟ

ଜୟପୁର, ୧୪।୯(ପବନ ପାଣିଗ୍ରାହୀ)

**୫୧୬୫ ମାମଲାର ଫଇସଲା**

କୋରାପୁଟ ଜିଲା ଦୌରା ଜଜ୍ ତଥା ଡିଏଲ୍ଏସ୍ଏ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେଶ ଏକ୍କାଙ୍କ ତତ୍ତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପରିବାର ଅଦାଲତ ଜଜ୍ ଧନେଶ୍ୱର ମଲ୍ଲିକ, ଅତିରିକ୍ତ ଜିଲା ଜଜ୍ ବିଦ୍ୟାଧର ପୃଷ୍ଟି, ବରିଷ୍ଠ ଦେୱାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଆଳକାନନ୍ଦ ମହାନ୍ତି, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଦେବତା, ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ ସନ୍ତୋଷ ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରୀ ଅନିମେଷ ଜେନା ପ୍ରମୁଖ ଜୟପୁର ମୁଖ୍ୟାଳୟର ବିଭିନ୍ନ ବେଞ୍ଚରେ ରହି ପୃଥକ୍ ପୃଥକ୍ ଭାବେ କୋର୍ଟ କରି ମକଦ୍ଦମା ଫଇସଲା କରିଥିଲେ। ଜିଲା ଓକିଲ ସଂଘ ଆଇନଜୀବୀ ଶଶାନନ୍ଦ ମିଶ୍ର, ଲାଲମହୋନ ମିଶ୍ର, ପି.ବ୍ରହ୍ମାନନ୍ଦମ, ଏସ୍.ମନଜମାଳା ଦିନବନ୍ଧୁ, ଶୁଭେନ୍ଦୁ ମିଶ୍ର, ସସ୍ମିତା ଦଣ୍ଡସେନା, ଶ୍ରୀଚନ୍ଦନ ନାୟକ, ଅଜିତ ପ୍ରସାଦ ମଣ୍ଡଳ, ନଳିନୀ ଖେମୁଣ୍ଡି ମକଦ୍ଦମା ଫଇସଲା କରିବାରେ ସହଯୋଗ କରିଥିଲେ। ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୫୧୬୫ ମାମଲାର ବିଚାର ହୋଇ ୪ କୋଟି ୮୬ଲକ୍ଷ ୧୩ହଜାର ୩୩୯ ଟଙ୍କା ଧାର୍ଯ୍ୟ ହୋଇଥିଲା।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୯ଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫଇସଲା କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ବାବଦକୁ ୨, ୪୬, ୩୪ହଜାର ଟଙ୍କା କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା। ସେହିପରି ୧୩ ପାରିବାରିକ ଓ ବୈବାହିକ ବିବାଦର ଫଇସଲା କରାଯାଇ ୨ଲକ୍ଷ ୧୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ୬ଟି ସାଲିସଯୋଗ୍ୟ ଫୌଜଦାରି ମାମଲା, ୧୧ ଦେୱାନୀ ମାମଲା ଓ ୧୧ ଋଣ ମାମଲାର ଫଇସଲା କରାଯାଇଥିଲା। ସେହିପରି ୩୯ ଏନ୍‌ଆଇ ଆକ୍ଟ ମାମଲା ଫଇସଲା କରାଯାଇ ୧କୋଟି ୨୩ଲକ୍ଷ ୨୩ହଜାର ୫୫୮ ଟଙ୍କା ଧାର୍ଯ୍ୟ ହେଇଥିଲା। ସେହିପରି ୧୧୫ ଅନ୍ୟ ଫୌଜଦାରି ମାମଲାର ଫଇସଲା ହୋଇଥିଲା। କୋରାପୁଟ ଓ ଜୟପୁର ଉପଜିଲାପାଳ ଓ ଜିଲାର ସମସ୍ତ ତହସିଲଦାରଙ୍କ ଦ୍ୱାରା ୪୭୨୨ ରାଜସ୍ୱ ବିବାଦର ଫଇସଲା କରାଯାଇ ୨ଲକ୍ଷ ୧୮ହଜାର ୧୩୨ ଟଙ୍କା ଆଦାୟ କରଯାଇଥିଲା। ପ୍ରାକ୍ ମକଦ୍ଦମାସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୮୫ ବ୍ୟାଙ୍କ ଋଣ ମାମଲା କରାଯାଇ ୩୩ ଲକ୍ଷ ୬ହଜାର ୬୧୯ ଟଙ୍କା ଧାର୍ଯ୍ୟ ହେଇଥିଲା। ୭ ଶ୍ରମ ବିବାଦ ମାମଲାର ଫଇସଲା କରାଯାଇ ୨୧ଲକ୍ଷ ୩୭ହଜାର ୧୦୯ଟଙ୍କା, ୧୫ ଲୋକ ଉପଯୋଗୀ ସେବା ବିବାଦ ଓ ୧୧୨ ଅନ୍ୟ ବିବାଦର ଫଇସଲା କରାଯାଇ ୫୭ଲକ୍ଷ ୭୮ହଜାର ୯୨୧ ଟଙ୍କା ଧାର୍ଯ୍ୟ କରାଯାଇଥିଲା।

# ୭ ମାସରେ ୨ ଜଣଙ୍କ ବଦଳି, ଜଣେ ନେବେ ଅବସର

ପଟ୍ଟାଙ୍ଗି, ୧୪।୯(ଶରତ ଧଳ)




**ପଟ୍ଟାଙ୍ଗି ଶିଳ୍ପ ତାଲିମ ଅନୁଷ୍ଠାନରେ ନାହାନ୍ତି ସ୍ଥାୟୀ ପ୍ରିନ୍ସିପାଲ**

ଗ୍ରାମାଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ଶିଳ୍ପ ତାଲିମ ଦେବାକୁ କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗିରେ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲାଗଲା। କିନ୍ତୁ ଏଠାରେ ସ୍ଥାୟୀ ପ୍ରିନ୍ସିପାଲ ନାହାନ୍ତି। ଏଠାରେ ଯାହାଙ୍କୁ ପ୍ରିନ୍ସିପାଲଭାବେ ଅବସ୍ଥାପିତ କରାଯାଉଛି, ବର୍ଷେ ନ ପୂରୁଣୁ ତାଙ୍କୁ ବଦଳି କରାଯାଉଛି। ଫଳରେ ପିଲାଙ୍କ ତାଲିମରେ ବାଧା ସୃଷ୍ଟି ହେଉଛି।

୨୦୧୭ରେ ପଟ୍ଟାଙ୍ଗି ବ୍ଲକ୍‌ର ନୂଆଗାଁ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ୮୦ ସିଟ୍ ବିଶିଷ୍ଟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲାଯାଇଥିଲା। ଏଠାରେ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ପାଇଁ ୧୪୮ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୫ଜଣ ତାଲିମଦାତା ଶିକ୍ଷକ ଅଛନ୍ତି। ପ୍ରଥମ ପ୍ରିନ୍ସିପାଲଭାବେ ଧର୍ମପଦ ସାମଲ ୨୦୧୭ ମେ ୧୫ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୩ ମେ ୭ରେ ତାଙ୍କୁ ବଦଳି କରିଦିଆଗଲା। ଏହାପରେ ନବରଙ୍ଗପୁର ଜିଲାରୁ ପ୍ରବୀଣ କୁମାର ପଟ୍ଟନାୟକଙ୍କୁ ୨୦୨୩ ମେ ୮ରେ ଦାୟିତ୍ୱ ଦିଆଯାଇଥିଲା। ସେ ସେଠାରେ ୧୧ ମାସ ଥିଲେ। ଏହାପରେ ୨୦୨୪ ମାର୍ଚ୍ଚ ୧୫ରେ ତାଙ୍କୁ ନବରଙ୍ଗପୁର ଜିଲାର ପୂର୍ବ ସ୍ଥାନକୁ ବଦଳି କରିଦିଆଗଲା। ପୁଣି ନବରଙ୍ଗପୁର ଜିଲାରୁ ମିଥୁନ କୁମାର କେଶରୀଙ୍କୁ ୨୦୨୪ ମାର୍ଚ୍ଚ ୧୬ରେ ପ୍ରିନ୍ସିପାଲ ଦାୟିତ୍ୱ ଦିଆଗଲା। ୫ ମାସ ପରେ ୧୭ ଅଗଷ୍ଟ ୨୦୨୪ରେ ତାଙ୍କୁ ପୂର୍ବ ସ୍ଥାନ ନବରଙ୍ଗପୁର ଜିଲାକୁ ବଦଳି କରିଦିଆଗଲା। ଏହାର ୫ ଦିନ ପରେ ନନ୍ଦପୁର ବ୍ଲକ୍‌କୁ ପଟ୍ଟାଙ୍ଗିରୁ ଡେପୁଟେଶନ ହୋଇ ଯାଇଥିବା ସୌଦାମିନୀ ସିଂଙ୍କୁ ପଟ୍ଟାଙ୍ଗି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ପ୍ରିନ୍ସିପାଲ ଦାୟିତ୍ୱ ଭାର ୨୩ ଅଗଷ୍ଟ ୨୦୨୪ରେ ପ୍ରଦାନ କରାଯାଇଥିଲା। ୨୪ ଘଣ୍ଟା ଭିତରେ ପୁଣି ଏକ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇଥିଲା ; ଯେଉଁଥିରେ କି ଉକ୍ତ ଭାରପ୍ରାପ୍ତ ପ୍ରିନ୍ସିପାଲଙ୍କୁ କୋଟପାଡ ବଦଳି କରାଯାଇଥିଲା। ଏହାପରେ ବରଗଡ଼ ଜିଲାରୁ ସୁକାନ୍ତ କୁମାର ସ୍ୱାଇଁ ପ୍ରିନ୍ସିପାଲଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ମାସ ୩୦ ତାରିଖରେ ସେ ଅବସର ଗ୍ରହଣ କରିବେ। ୭ ମାସ ମଧ୍ୟରେ ୨ ପ୍ରିନ୍ସିପାଲଙ୍କ ବଦଳି ସହ ଜଣେ ପ୍ରିନ୍ସିପାଲ ଅବସର ଗ୍ରହଣ କରିବେ। ସୀମାନ୍ତବର୍ତ୍ତୀ ଅନୁଷ୍ଠାନରୁ ବାରମ୍ବାର ପ୍ରିନ୍ସିପାଲ ବଦଳିକୁ ନେଇ ଆଦିବାସୀ ଅଧୁଷିତ ଅଞ୍ଚଳର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାଛଡ଼ା ଏଠାରେ ଥିବା ବିଦ୍ୟୁତ୍, ପାନୀୟ ଜଳ ଭଳି ଅନେକ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଜିଲା ପ୍ରଶାସନ ବିଭିନ୍ନ ସମସ୍ୟାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରାଯାଇଛି।

# ୬୦, ୭୬୯ କେସ୍‌ର ଫଇସଲା


ନବରଙ୍ଗପୁରରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ କେସ୍‌ର ଫଇସଲା କରାଯାଉଛି।

**ନବରଙ୍ଗପୁର, ୧୪।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୩୨ କୋର୍ଟ କେସ୍ ଓ ୬୦, ୩୨୩ ଗୋଟି ରାଜସ୍ୱ କେସ୍‌ର ଫଇସଲା କରାଯାଇ ୫,୭୭,୬୧୫ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କର ୧୪ଟି ପ୍ରାକ୍ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୭,୨୩,୨୦୦ ଟଙ୍କା ଋଣ ଆଦାୟ କରାଯାଇଛି। ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ୨ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ଦାବି ଓ ଏକ୍ୱିକ୍ୟୁଶନ କେସ୍ ବାବଦକୁ ୧୩ ଗୋଟି କେସ୍ ଫଇସଲା କରି ୪୬,୧୯,୮୩୬ଟଙ୍କା କ୍ଷତିପୂରଣ ଆଦାୟ କରାଯାଇଛି। ପରିବାର ବିଚାରବିଭାଗୀୟ ଜଜ୍ ଲିଲିପ୍ତା ପଶାୟତ ୧୩ ପାରିବାରିକ ବିବାଦ ସମାଧାନ କରିଛନ୍ତି। ସେଥିମଧ୍ୟରୁ ୩ଟି କେସ୍‌ରେ ଦୀର୍ଘ ୩ ବର୍ଷର ବିବାଦର ଅନ୍ତ ଘଟାଇ ଦମ୍ପତିଙ୍କ ମଧ୍ୟରେ ଆପୋସ ମିଳାମିଶା କରାଇଛନ୍ତି। ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ ୧୧ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲାକରି ୪୯,୩୦,୧୬୫.୭୭ ଟଙ୍କା ଆଦାୟ କରିଛନ୍ତି। ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା ୧୩୮ଟି ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି। ଜେଏମ୍ଏଫ୍‌ସି ରାଜେଶ କୁମାର ମିଶ୍ର ୨ ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ପୋକ୍‌ସୋ) ବସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର (ଜିଲାକୋର୍ଟ) ସୁକାନ୍ତ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଡିଏଲ୍ଏସ୍ଏ ସଚିବ ସାଇ ଅଭିପ୍ସା ଗୋଛାୟତ ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ। କୋର୍ଟର ଆଇନଜୀବୀ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଚନ୍ଦାହାଣ୍ଡି,(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦ ଫୌଜଦାରି ମାମଲା ଓ ୫ଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ଫିସଲା କରାଯାଇଛି। ଏହି ଲୋକ ଅଦାଲତରେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ବଗାର, ଏପିପି ଜୟଦେବ ଖମାରୀ, ଆଇନଜୀବୀ ମହମ୍ମଦ ହୁସେନ, ହୁମେଶ୍ୱର ହଂସ, ଶ୍ୟାମସୁନ୍ଦର ସୁନାନୀ, ହୀରାଧର ମାଳି, କୋର୍ଟ କର୍ମଚାରୀ କେଦାର ଗୌରୀ ପାଞ୍ଜିଆ, କେଶରୀ ମନହୀରା, ଆଶିଷ କୁମାର ସାହୁ, ନିଲୁପ୍ରସାଦ ଶବର, ଅମ୍ରିତା କୁଳଦୀପ, ଅନିମା ମଲ୍ଲିକ, ଭରତ ଦାସ, ବୃନ୍ଦାବନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।



## ୧୦ ଜଣଙ୍କୁ 'ଦାଶରଥି ପଟ୍ଟନାୟକ ସ୍ମୃତି ସମ୍ମାନ'



**ଉମରକୋଟ, ୧୪।୯ (ସନ୍ତୋଷ ଶତପଥୀ)**

ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଦାସିଆ ସାଂସ୍କୃତିକ ପରିଷଦ ପକ୍ଷରୁ ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ ୨୭ତମ ଶ୍ରଦ୍ଧାଞ୍ଜଳି ସମାରୋହ ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ. ପ୍ରଦୀପ ମିଶ୍ର ମୁଖ୍ୟବକ୍ତା, ଡ. ସୁରେନ୍ଦ୍ର ନାଥ ଦାଶ ବରେଣ୍ୟ ଅତିଥି, ସମ୍ମାନିତ ବକ୍ତାଭାବେ ପ୍ରାକ୍ତନ ଶିକ୍ଷା ଜିଲା ନିରୀକ୍ଷକ ଉମେଶ ଚନ୍ଦ୍ର ଭୁକ୍ତା, ଦାସିଆ ସଂସ୍କୃତି ପରିଷଦ ସଭାପତି ଟୁଟୁ ବାବୁ ପଟ୍ଟନାୟକ, ବୁଦ୍ଧିଜୀବୀ ଓ ଶିକ୍ଷକ ସଙ୍ଗଠକ ଲକ୍ଷ୍ମୀକାନ୍ତ ବାହିନୀପତି, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଏବିଇଓ ଦେବେନ୍ଦ୍ର ବାଗ, ଗବେଷକ ସାଇମନ ବିଡ଼ିକା, କେଦାରେଶ୍ୱର ପଟ୍ଟନାୟକ, ଦିଲୀପ ପଟ୍ଟନାୟକ, ସମୀର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାଗତିକା ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଉମରକୋଟରେ ଏକ ପାଠାଗାର ପ୍ରତିଷ୍ଠା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ପଠନ ସ୍ପୃହା ପ୍ରତି ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ଓ ସାରସ୍ୱତ ସାଧନା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ଶିବପ୍ରସାଦ ସୁବେଦାର, ସ୍ୱାଗତିକା ସାହୁ, ଶାନ୍ତିଲତା ମହାନ୍ତି, କମଳିନୀ ପୃଷ୍ଟି, ପ୍ରଭାତୀ ଦେବନାଥ, ନରେଶ ଚନ୍ଦ୍ର ପଟ୍ଟନାୟକ, ବିମଳ ବାରୋଇ, ରଞ୍ଜିତା କୁଅଁର, ଅନିମା କର, ଦୈତାରୀ ଓଝାଙ୍କୁ ଦାଶରଥି ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଉମେଶ ଚନ୍ଦ୍ର ଭୁକ୍ତା ମୁଖ୍ୟ ଅତିଥି ମଧୁସିକ୍ତା ମିଶ୍ରଙ୍କୁ ପରିଷଦ ପକ୍ଷରୁ ଉମରକୋଟ ନାଗରିକ ସମ୍ମାନ ପ୍ରଦାନ କରିଥିଲେ। ଟୁଟୁବାବୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ଜୟପୁର, ୧୪।୯(ପବନ ପାଣିଗ୍ରାହୀ)**

ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଲକାପୁଟ ଗ୍ରାମର ଅନିତା ହରିଜନ (୧୩)। ସୂଚନାନୁଯାୟୀ, ଅନିତା ଘରେ ଶୋଇଥିବାବେଳେ ରାତି ପ୍ରାୟ ରାତ୍ର ୨ଟାରେ ଏକ ସାପ ତାଙ୍କୁ କାମୁଡ଼ିଥିଲା। ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟପୁର ସଦର ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ନେଇ ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ, ମାଟିପୂଜା

**ଡାବୁଗାଁ, ୧୪।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ଦୁର୍ଗାପୂଜା ମଣ୍ଡପରେ ଦୁର୍ଗା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମାଁ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ଅଙ୍ଗୀ ନଦୀରେ ପୂଜାର୍ଚ୍ଚନା ପରେ ମାଟି ଅଣାଯାଇ ପୂଜା କରାଯାଇଛି। ବିକାଶ ରଞ୍ଜନ ନିଶଙ୍କ, ଟିଟୁ ଜେନା ଓ ଟି. ଜୁଗୁନୁ ପ୍ରମୁଖ ମାଟି ଆଣିଥିଲେ। ଏଥିରେ ଦୁର୍ଗାପୂଜା କମିଟି ସଭାପତି ଜେ. ରାଜଶେଖର ରାଓ, ଉପସଭାପତି ଦିବ୍ୟରଞ୍ଜନ ରାୟପାତ୍ର, ସମ୍ପାଦକ ସୁରେନ୍ଦ୍ର ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଜି. ଗୋପାଳକୃଷ୍ଣ ରାଓ, ସୌଭାଗ୍ୟ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲା ଦଳ ଚୟନ


ଆନ୍ତଃ ଜିଲା ଏକଦିବସୀୟ ବିଦ୍ୟାଳୟ କ୍ରିକେଟ ମ୍ୟାଚ ପାଇଁ ମନୋନୀତ ହୋଇଥିବା ନବରଙ୍ଗପୁରର ଖେଳାଳିମାନେ।

**ନବରଙ୍ଗପୁର,୧୪।୯(ସଦାଶିବ ପ୍ରହରାଜ)**

**ଆନ୍ତଃ ଜିଲା ଏକଦିବସୀୟ ବିଦ୍ୟାଳୟ କ୍ରିକେଟ ମ୍ୟାଚ**

୧୬ ବର୍ଷରୁ କମ୍ ଆନ୍ତଃ ଜିଲା ଏକଦିବସୀୟ ବିଦ୍ୟାଳୟ କ୍ରିକେଟ ମ୍ୟାଚ ନିମନ୍ତେ ନବରଙ୍ଗପୁର ଷ୍ଟାଡିୟମରେ ଖେଳାଳି ଚୟନ କରାଯାଇଛି। ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ପନ୍ଦର ଜଣିଆ ଦଳ ଘୋଷଣା କରିଛନ୍ତି। ଅଂଶୁମାନ ପଣ୍ଡା (ଅଧିନାୟକ), ଲିୱାନ ଲାଜେ, ଯୁବରାଜ ପାଇକ, ସାଇରୁଦ୍ର ପାତ୍ର, ଭରତ ସାହୁ, ସ୍ୱାଧୀନ ପଟ୍ଟନାୟକ, ସିଦ୍ଧାର୍ଥ ପଟ୍ଟନାୟକ, ପଙ୍କଜ ସତ୍‌ନାମୀ, ରାଜଦୀପ ବାଳା, ସୁମିତ ପାଣିଗ୍ରାହୀ, ଦେବେନ୍ଦ୍ର ରାଉତ, ଅଂଶୁମାନ ପଟ୍ଟନାୟକ, ଏ. ଅକ୍ଷତ, ବିଭୁଦତ୍ତ ମିଶ୍ର ଏବଂ ବୈଭବ କୁମାର ବେହେରା ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ଚୟନ ପ୍ରକ୍ରିୟାରେ ଜିଲାର ବିଭିନ୍ନ ସ୍ଥାନରୁ ଖେଳାଳି ଭାଗ ନେଇଥିଲେ। ଦଳ ଘୋଷଣା ସମୟରେ କ୍ରିକେଟ୍ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ବେହେରା, କାର୍ଯ୍ୟନିର୍ବାହୀ ସଭ୍ୟ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲା ଦଳ ଗ୍ରୁପ୍ ଏ ରେ ସ୍ଥାନ ପାଇଛି। ଲିଗ୍ ମ୍ୟାଚରେ ଭୁବନେଶ୍ୱର, କେଉଁଝର, କନ୍ଧମାଳ, ଜଗତ୍‌ସିଂହପୁର ଏବଂ ନୂଆପଡ଼ା ଦଳ ସହ ନବରଙ୍ଗପୁର ଦଳ ଖେଳିବେ ବୋଲି କ୍ରିକେଟ ସଂଘର ସହ ସମ୍ପାଦକ ଏମ୍. ବାଲାକ୍ରିଷ୍ଣା ରାଓ କହିଛନ୍ତି। ସେହିପରି ଦଳ ସହ କୋଚ ସୁବ୍ରତ ଗଣ୍ଡ ଏବଂ ମ୍ୟାନେଜର ଶଶାଙ୍କ ଶେଖର ବେହେରା କଟକ ଗସ୍ତ କରିବେ ବୋଲି କ୍ରିକେଟ ସଂଘର ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ତିଆରିର ମାସ କେଇଟା ଭିତରେ ରାସ୍ତାରୁ ଉଠିଲା ପିଚୁ

**ତେନ୍ତୁଳିଖୁଣ୍ଟି, ୧୪।୯(ଚିଦାନନ୍ଦ ସାହୁ)**

ବହୁ ଦିନର ଦାବି ପରେ ପଣସପଦର–ଅଣ୍ଡାସର ରାସ୍ତା ପିଚୁ ହୋଇଥିଲା। ଏହି ପକ୍କା ରାସ୍ତା ହେବା ପରେ ଲୋକେ ଖୁସି ହୋଇଥିଲେ। କାରଣ ଏହା ସେମାନଙ୍କର ଦୀର୍ଘ ଦିନର ଦାବି ଥିଲା। କିନ୍ତୁ କେଇ ମାସରେ ସେମାନଙ୍କ ଖୁସି ରହିନାହିଁ। କାରଣ ଏହି ରାସ୍ତାରୁ ଏବେ ପିଚୁ ଉଠିବାକୁ ଲାଗିଲାଣି।

ସୂଚନାନୁଯାୟୀ, ଏହି ରାସ୍ତା ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକ୍‌କୁ ସଂଯୋଗ କରୁଥିଲା। ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭୦ଲକ୍ଷ ଟଙ୍କା ବ୍ୟୟରେ ତିଆରି କରାଯାଇଛି। ତେବେ ଏହି ରାସ୍ତାର କେଉଁଠି ପିଚୁ ଉଠିଲାଣି ତ କେଉଁଠି ଗାତ ହୋଇଗଲାଣି। ବର୍ଷା ବର୍ତ୍ତମାନ ଯେଉଁଭଳି ହେଉଛି ଏହି ରାସ୍ତା ଆହୁରି ଦୟନୀୟ ହୋଇଯିବା ଆଶଙ୍କା ରହିଛି। ଫଳରେ ଯାତାୟାତରେ ବାଧା ଦେଖାଯିବ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମନମୁଖି କାମ ଯୋଗୁ ରାସ୍ତା ଅବସ୍ଥା ଏଭଳି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ବିଭାଗୀୟ ଯନ୍ତ୍ରୀ ସାଗର କୁମାର ନାୟକ ଖଣ୍ଡନ କରିଛନ୍ତି। ରାସ୍ତା କାମ ଠିକ୍ ହୋଇଛି। ଭାରିଯାନ ଚଳାଚଳ ବୃଦ୍ଧି ଯୋଗୁ ଏଭଳି ହୋଇଛି। ଚୁକ୍ତିନାମା ପ୍ରକାରେ ଠିକାଦାର ରକ୍ଷଣାବେକ୍ଷଣ ସହ ଶୀଘ୍ର ମରାମତି କରିବେ ବୋଲି ସେ କହିଛନ୍ତି।

## ପିଲାଙ୍କୁ ସୁନାଗରିକ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଝରିଗାଁ, ୧୪।୯ (କିଶୋର ଚନ୍ଦ୍ର ମଣ୍ଡଳ)**

**ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପ୍ରତିଷ୍ଠା ଦିବସ**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ବିଡିଓ ପ୍ରିତା କୁମାର ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ତହସିଲଦାର ଶଙ୍କର ପଟ୍ଟନାୟକ, ଫରେଷ୍ଟର ଅମିତ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୀମାଞ୍ଚଳ ତ୍ରିପାଠୀ, ଜି. କ୍ରିଷ୍ଣାରାଓ ପ୍ରମୁଖ ଯୋଗଦେଇଥିଲେ। ପିଲାମାନେ ଈଶ୍ୱରଙ୍କର ଅବତାର। ସେମାନଙ୍କଠାରେ ଅସରନ୍ତି ଅନ୍ତର୍ନିହିତ ପ୍ରତିଭା ରହିଛି। ସେମାନଙ୍କୁ ଉଚିତ୍ ମାର୍ଗରେ ପରିଚାଳିତ କରିବା ଏବଂ ସୁନାଗରିକ ଭାବେ ଗଢ଼ି ତୋଳିବାରେ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ସ୍କୁଲର ଅଧ୍ୟକ୍ଷା ବୁଲୁ ସାହୁ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅବଦାନ ଅତୁଳନୀୟ ବୋଲି ମତ ଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ଇଂରାଜୀ ବକ୍ତୃତା, ରଚନା, ଗଳ୍ପ, ଚିତ୍ରାଙ୍କନ, ସଙ୍ଗୀତ, ସୋଲୋ ଡାନ୍ସ, ଗ୍ରୁପ୍ ଡାନ୍ସ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଆଦର୍ଶ ବିଦ୍ୟାଳୟର ରାଜୁ ହରିଜନ, ନିଶାମଣି ଦାଶ, ମନୋଜ ବିଶ୍ୱାଳ, ଅମରେନ୍ଦ୍ରନାଥ ପ୍ରସାଦ ସାହୁ, ଆଶୁତୋଷ ପଣ୍ଡା, ଉଦିତ କୁମାର ନାଗ, କ୍ରିଷ୍ଟିନା ବାରିକ, ମାନିନି ସାହୁ, ଛନ୍ଦାଚରଣ ସେଠ, ନରେଶ ବାରିକ, ଆକାଶ ସାହାଣୀ, ରିତୁ ମେହେର, ସରୋଜ ଦଣ୍ଡପତ, କାହ୍ନୁଚରଣ ମହାରଣା, ପ୍ରତିଭା ନାୟକ, ସ୍ୱାଧୀନ ପାତ୍ର, ମଞ୍ଜୁଲତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିନ୍ନରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା ସମସ୍ତଙ୍କ ଦାୟିତ୍ୱ

**ନବରଙ୍ଗପୁର,୧୪।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା କିନ୍ନର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ସୌରାସାହି କଲ୍ୟାଣ ମଣ୍ଡପରେ ସଂଘର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ଉପଦେଷ୍ଟା ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କିନ୍ନରମାନେ ନିଜକୁ ସ୍ୱାବଲମ୍ବୀ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସଂଘର ଆଇନ ପରାମର୍ଶଦାତା ତଥା ଅଧିବକ୍ତା ରାମ ପ୍ରସାଦ ପାତ୍ର ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ସମ୍ପାଦକ ମେଘନା ସାହୁ, ରାୟଗଡ଼ାରୁ ଆସିଥିବା ପିଙ୍କି ମହାପାତ୍ର, କିନ୍ନର ସଂଘର ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦକ ଚୁମକି କିନ୍ନର ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ଭାବେ ନବରଙ୍ଗପୁର ପୌର ପରିଷଦ ଅଞ୍ଚଳ ଉପଦେଷ୍ଟା ମହମ୍ମଦ ଶିରାଜ୍, ନବରଙ୍ଗପୁର ବ୍ଲକ ଉପଦେଷ୍ଟା ନିନିବାବୁ ତ୍ରିପାଠୀ, ନନ୍ଦାହାଣ୍ଡି ବ୍ଲକ ଉପଦେଷ୍ଟା ଶିବଶଙ୍କର ପାଢ଼ୀ, କାଉନସିଲର ଶର୍ମିଷ୍ଠା ଦେଓ, ବାରିକ ସଂଘ ସଭାପତି ଏନ୍.ଗଣେଶ ପ୍ରମୁଖ ମଞ୍ଚାସୀନ ଥିଲେ। କିନ୍ନରମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସମସ୍ତେ ଉଦ୍ୟମ ଜରୁରୀ ବୋଲି ଅତିଥିମାନେ କହିଥିଲେ। କିନ୍ନରଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନିକ ସ୍ତରରେ ଆଲୋଚନା କରି ସମାଧାନ କରାଯିବ ବୋଲି ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। କିନ୍ନର ସଂଘ ସମ୍ମିଳନୀ ଗୃହ ନିର୍ମାଣ ପାଇଁ ଏକ ଲକ୍ଷ ଟଙ୍କା ସହଯୋଗ କରିବେ ବୋଲି ବାରିକ ସଂଘ ସଭାପତି ଏନ୍. ଗଣେଶ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କିନ୍ନର ସଂଘ କାର୍ଯ୍ୟ ନିର୍ବାହୀ ସଂଯୋଜକ ଅଖିଳ ଭଞ୍ଜ, ସଦସ୍ୟ ପ୍ରଦୀପ ନନ୍ଦ, ହରିଶ ବେହେରା, ସୁବ୍ରତ ବେହେରା, କିନ୍ନର ସଂଘର ଉପସଭାପତି ସନା କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର, କୋଷାଧ୍ୟକ୍ଷ ଗୁରୁ କିନ୍ନର ସମେତ ଅନ୍ୟ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଉମରକୋଟରେ ଏକ ରାଜ୍ୟସ୍ତରୀୟ କିନ୍ନର ସମ୍ମିଳନୀ କରିବାକୁ ଶ୍ରୀନିବାସ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ସଂଘର ମହିଳା ଉପଦେଷ୍ଟା ଡକ୍ଟର ସଂଯୁକ୍ତା ପଣ୍ଡା ଏବଂ ସାମାଜିକ କର୍ମୀ ସୁଷମା ଜୈନ, ଉମରକୋଟ ବ୍ଲକ ମହିଳା ଉପଦେଷ୍ଟା ଚନ୍ଦନା ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କିନ୍ନର ସଂଘ ସଦସ୍ୟମାନେ।

# ଆବର୍ଜନା ପକାଇ ଡେଙ୍ଗୁକୁ ନିମନ୍ତ୍ରଣ

**ଉମରକୋଟରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା**

- ନିୟନ୍ତ୍ରଣ କରିବାରେ ପ୍ରଶାସନ ବିଫଳ
- ଅନ୍ୱେଷା ହଷ୍ଟେଲ ଆଗରେ କୁଢ଼ କୁଢ଼ ଅଳିଆ

**ଉମରକୋଟ, ୧୪।୯(ସନ୍ତୋଷ ଶତପଥୀ)**



ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ଓ ଉମରକୋଟ ପୌର ପରିଷଦ ତତ୍ପରତା ଦେଖାଇଥିଲା। ମଶା ତେଲ ଓ ମଶାଧୂଆଁ ପ୍ରତ୍ୟେକ ୱାର୍ଡରେ ସିଞ୍ଚନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ ସହରବାସୀଙ୍କ ମଧ୍ୟରେ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା। ଦୁର୍ଭାଗ୍ୟବଶତଃ ସହରରେ ମାତ୍ର ଗୋଟିଏ ଦିନ ହିଁ ମଶାତେଲ ସିଞ୍ଚନ ଓ ଧୂଆଁ ସ୍ପ୍ରେ କରାଯାଇଛି। ଉମରକୋଟ ସହରରେ ଡେଙ୍ଗୁ ମହାମାରୀ ଭଳି ବ୍ୟାପିଗଲାଣି। ବିଶେଷକରି ସହର ଗୋଟିଏ ଦୁଇଟି ୱାର୍ଡରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। ତଥାପି ମଧ୍ୟ ପୌର ପ୍ରଶାସନର ଚେତା ପଶୁନାହିଁ। ସହର ସାରା ଅଳିଆ ଆବର୍ଜନା ପଡ଼ି ରହିଛି। ଏଠାରେ ମଶାବଂଶ ବୃଦ୍ଧି ପାଉଛି।

ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂଚନାନୁଯାୟୀ ଶନିବାର ସୁଦ୍ଧା ଉମରକୋଟ ସହରରେ ୧୨୩ ଜଣ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେଙ୍ଗୁ ଟେଷ୍ଟ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୨୭ ଜଣଙ୍କ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। କିନ୍ତୁ ବେସରକାରୀ ଭାବେ ଏହାର ସଂଖ୍ୟା ୨ ଗୁଣରୁ ଉର୍ଦ୍ଧ୍ୱ ଥିବା ଅନୁମାନ କରାଯାଉଛି। ସହରରେ ଡେଙ୍ଗୁ ରୋଗୀ ସଂଖ୍ୟା ବଢ଼ିବାର ମୁଖ୍ୟ କାରଣ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି। ପ୍ରତି ୱାର୍ଡରେ ସ୍ଥାନେ ସ୍ଥାନେ କୁଢ଼ କୁଢ଼ ଅଳିଆ ପଡ଼ି ରହିଛି। ବର୍ଷା ଲାଗି ପରିସ୍ଥିତି ଗମ୍ଭୀର ହୋଇଯାଇଛି। ଏବେ ପାର୍ବଣ ଋତୁ। ତେଣୁ ସହରକୁ ସଫା ରଖିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

ସହରର ୫ ନମ୍ବର ୱାର୍ଡରେ ଝରିଗାଁ ରୋଡ୍ ଭାସ୍କେଲ ନଦୀ କୂଳରେ ଉମରକୋଟ ପୌର ପରିଷଦ ଯେଉଁ ପରିମାଣର ଅଳିଆ ଜମା କରିଛି ସେହି ରାସ୍ତା ଦେଇ ଯାତାୟତ କଷ୍ଟକର। ଏହା ସମ୍ମୁଖରେ ଅନ୍ୱେଷା ହଷ୍ଟେଲ ରହିଛି। ଏହି ହଷ୍ଟେଲରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପିଲା ରହୁଛନ୍ତି। ଯଦି ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ହୁଏ ଏଥିପାଇଁ ଦାୟୀ କିଏ ରହିବେ ବୋଲି ସହରବାସୀ ପ୍ରଶ୍ନ କରୁଛନ୍ତି। ତୁରନ୍ତ ହଷ୍ଟେଲ ସମ୍ମୁଖରୁ ପୌର ପରିଷଦ ଆବର୍ଜନା ସଫା କରିବା ସହ ପ୍ରତି ୱାର୍ଡରେ ଧୂଆଁ ଓ ତେଲ ସିଞ୍ଚନ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ଅନ୍ୱେଷା ହଷ୍ଟେଲ ନିକଟରେ ଅଳିଆ ଆବର୍ଜନାକୁ ନେଇ ମଙ୍ଗଳ ବିଭାଗ ଅଧିକାରୀ ବିଧୁଭୂଷଣ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଗ୍ରହଣ କରି ନ ଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରୀତିରଞ୍ଜନ ରଥଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ଅଳିଆ ସଫା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

